## ସଂକ୍ଷେପରେ

### ବେତନଟୀ ବିଡିଓଙ୍କ ବଦଳି

ବୈଶିଙ୍ଗା,୨୮।୧(ରତନ ଦାଶ): ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ୍ ବିଡିଓଙ୍କ ବଦଳି ନିର୍ଦ୍ଦେଶ ଆସିଛି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ନିର୍ଦ୍ଦେଶକ୍ରମେ ବିଡିଓ ନିର୍ଲିପ୍ତା ମହାନ୍ତିଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ନବରଙ୍ଗପୁର ଜିଲାର ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଅମୃତ କୁମାର ରାଉଳଙ୍କୁ ବେତନଟୀ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପାଇଁ ଉଲ୍ଲେଖ କରାଯାଇଛି। ନୂଆ ଅଧିକାରୀ ସୋମବାର କାର୍ଯ୍ୟରେ ଯୋଗଦାନ କରିବା ସହିତ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି।

### 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା

ଗୋପବନ୍ଧୁ ନଗର, ୨୮।୧ (ଶାନ୍ତନୁ କୁମାର ମଡୁଆଳ)-ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ପର୍ଯ୍ୟାୟକ୍ରମେ ଏହି କାର୍ଯ୍ୟକ୍ରମ ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଫେବୃଆରୀ ୬ ପର୍ଯ୍ୟନ୍ତ ଚାଲିବ। ବିଡିଓ କରୁଣାକର ଧିନ୍ଦା ଯୋଗଦେଇ ସଚେତନତା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଏଲ୍‌ସିଡି ଓ ପାଲା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ସାନଖୁଣ୍ଟା, ଶୀଳଘାଟି, ପୁରୁଣା ବାରିପଦା, ଆରପଟା ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗର ଅଧିକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ନୋଡାଲ ଅଧିକାରୀ ପରିଚାଳନା କରିଛନ୍ତି। ସରପଞ୍ଚ, ସମିତିସଭ୍ୟ, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷା, ବ୍ଲକ କର୍ମଚାରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୭ ମାସରେ ୪୬୦ କୋଟି ମଞ୍ଜୁର

■୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ କେନ୍ଦୁଝର ଗସ୍ତ
■୭୧୦ରୁ ୬୫୦ ଅଭିଯୋଗର ସମାଧାନ ହୋଇଛି

କେନ୍ଦୁଝର,୨୮।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଦିନିକିଆ ଗସ୍ତରେ ଆସି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ରବିବାର ୨ ପୃଥକ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ପିଲାଙ୍କୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ବୁଝାଇଥିଲେ। ପରେ ଅଧ୍ୟକ୍ଷ ସିଲିସୁଆଁ ନିକଟରେ ଅନୁଷ୍ଠିତ ସଭାରେ ଉଦ୍‌ବୋଧନ ଦେବା ସହ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ।

ନୂଆ-ଓ କାର୍ଯ୍ୟକ୍ରମ ପରେ କେନ୍ଦୁଝର ସହରରେ ସ୍ଥାପିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସେଠାରୁ ସଦର ବ୍ଲକ୍‌ର ସିଲିସୁଆଁ ପହଞ୍ଚି ସଭାସ୍ଥଳର ଅନତି ଦୂରରେ ଥିବା ଅନୁସୂଚିତ ଜନଜାତି ସାନ୍ତାଳୀମାନଙ୍କର ଉପାସନା ପୀଠ 'କିଝିର ଦିଶମ ଜାହେର ଗାଳ'ରେ ନମସ୍କାର କରିଥିଲେ। ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲାକୁ ଭଲ ପାଆନ୍ତି। ମୁଖ୍ୟମନ୍ତ୍ରୀ ଜିଲାର ଉନ୍ନତି ପାଇଁ ୭ ମାସ ମଧ୍ୟରେ ୪୬୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରେ ମା' ତାରିଣୀଙ୍କ ପୀଠର ଉନ୍ନତି ପାଇଁ ୫୦ କୋଟି, ଗୋନାଶିକା ବ୍ରହ୍ମେଶ୍ୱର ମହେଶ ମନ୍ଦିରର ଉନ୍ନତି ପାଇଁ ୩.୫ କୋଟି, ସୀତାବିଞ୍ଜିର ବିକାଶ ପାଇଁ ୨.୪୦ କୋଟି, ସୀତାମାତାଙ୍କ ମନ୍ଦିର ପାଇଁ ୩.୯୧ କୋଟି, ସସ୍‌ପେନ୍‌ସନ୍ ବ୍ରିଜ ପାଇଁ ୧୯ କୋଟି, ଜଳସେଚନ ପାଇଁ ତେଲକୋଇରେ ୪୧ କୋଟି, ଗୁଣ୍ଡିଚା ଘାଗିର ଉନ୍ନତି ପାଇଁ ୨ କୋଟି ମଞ୍ଜୁର ହୋଇଥିବା କହିଥିଲେ। ୭ ମାସ ତଳେ କେନ୍ଦୁଝର ଜିଲାକୁ ଆସି ସମୁଦାୟ ୭୧୦ ଦରଖାସ୍ତ ନେଇଥିଲେ, ସେଥିରୁ ୬୫୦ଟି ଅଭିଯୋଗର ସମାଧାନ ହୋଇଛି। ସଭାସ୍ଥଳରେ ଉପସ୍ଥିତ ଜନସାଧାରଣଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦରଖାସ୍ତ ନେଇ ଆଗାମୀ ୭ ତାରିଖ ମଧ୍ୟରେ ଖୁସି ଖବର ପାଇବେ ବୋଲି କହିଥିଲେ। ଏହି ଅବସରରେ ୫-ଟି ଅଧ୍ୟକ୍ଷଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଜିଲାର ସାଂସଦ, ବିଧାୟକ, ପୂର୍ବତନ ବିଧାୟକ ତଥା ବିଜେଡି କାର୍ଯ୍ୟକର୍ତ୍ତା ଓ ନେତାମାନେ ଉପସ୍ଥିତ ଥିଲେ। ଜିଲାପାଳ ଆଶିଷ ଠାକ୍‌ରେ ଓ ଏସ୍‌ପି ନୀତିନ କୁଶଳକର ଡାଗଡୁ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।



ବିଜେଡି ମହିଳା ନେତ୍ରୀମାନେ ୫-ଟି ଅଧ୍ୟକ୍ଷଙ୍କୁ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରୁଛନ୍ତି।

## ପାଟଣା ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ



ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରୀଛାତ୍ର।

**ନୂଆ-ଓ କାର୍ଯ୍ୟକ୍ରମରୁ ବଞ୍ଚିତ ହେବାରୁ ପ୍ରତିବାଦ**

ପାଟଣା,୨୮।୧(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟର ୨ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ରବିବାର ପାଟଣା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ନୂଆ-ଓ କାର୍ଯ୍ୟକ୍ରମରୁ ବଞ୍ଚିତ ହେବାରୁ ପ୍ରତିବାଦ କରିଥିବା କହିଛନ୍ତି। ସୂଚନା ଅନୁଯାୟୀ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ରବିବାର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଜିଲାର ବିଭିନ୍ନ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ନୂଆ-ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେବା ପାଇଁ ବିଭିନ୍ନ ମହାବିଦ୍ୟାଳୟରୁ ଛାତ୍ରୀଛାତ୍ର ସ୍ୱତନ୍ତ୍ର ବସ୍ ଯୋଗେ ଯାଇଥିଲେ। ମାତ୍ର ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣାର ନାମ ପଞ୍ଜୀକରଣ କରିଥିବା ଅନେକ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହୋଇଥିଲେ। ଏ ନେଇ ଛାତ୍ରୀଛାତ୍ର ଅଧ୍ୟକ୍ଷ ବୀରେନ୍ଦ୍ର ସାହୁଙ୍କୁ ଫୋନ କରିଥିଲେ ହେଁ ଅଧ୍ୟକ୍ଷ ଫୋନ ଉଠାଇ ନ ଥିବାରୁ ଛାତ୍ରୀଛାତ୍ର ନିରାଶ ହୋଇ ଫେରିଥିବା ବେଳେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଘଟଣାସ୍ଥଳରେ ପାଟଣା ପୋଲିସ ଓ କଲେଜ କର୍ମଚାରୀ ଆଲୋଚନା କରିଥିଲେ। ଏ ନେଇ ମହାବିଦ୍ୟାଳୟ ଅଧ୍ୟକ୍ଷ କହିଛନ୍ତି, ୩୧୦ ପିଲା ଯିବା ପାଇଁ ପଞ୍ଜୀକରଣ ହୋଇଥିଲା। ଯୁକ୍ତ ୩ ରୁ ୨୦୦ ଓ ଯୁକ୍ତ ୨ରୁ ୧୧୦ପିଲା ଯାଇଛନ୍ତି। ପଞ୍ଜୀକରଣ କରିଥିବା କେତେ ପିଲା ବିଳମ୍ବରେ ପହଞ୍ଚିଥିଲେ। ତାଙ୍କ ସିଟ୍‌ରେ ଅନ୍ୟ ପିଲା ବସି କାର୍ଯ୍ୟକ୍ରମକୁ ଯାଇଥିଲେ।

## 'ସେବା ଲାଗି ସାର୍ଥକ ହୁଏ ଅବସର ଜୀବନ'

ତିହିଡ଼ି,୨୮।୧ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ୯ମ ବାର୍ଷିକୋତ୍ସବ ରବିବାର ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଭଗବାନ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବକୁ ମୁଖ୍ୟଅତିଥି ଭାବେ ଡ. ଲକ୍ଷ୍ମୀଧର ତ୍ରିପାଠୀ ଉଦ୍‌ଘାଟନ କରିବା ସହ ଅବସର ଜୀବନ ସେବା ପାଇଁ ସାର୍ଥକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଖବରଦାତା ରାମନାରାୟଣ ନାୟକ, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ବାରିକ ଓ ସର୍ବେଶ୍ୱର ବଳ ଯୋଗ ଦେଇଥିଲେ। ସମ୍ପାଦକ କାଳୀଚରଣ ମଲ୍ଲିକ ବାର୍ଷିକ ବିବରଣୀ ପାଠ, ସୁରେନ୍ଦ୍ର ସେନାପତି ସ୍ୱାଗତ ଭାଷଣ ଓ ନିର୍ମଳ ଚନ୍ଦ୍ର ଦଳାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀ ବୃନ୍ଦାବନ ବେହେରା, ଗୟାଧର ବାରିକ, ଗଜେନ୍ଦ୍ର ପ୍ରସାଦ ପଣ୍ଡା ଓ ନୃସିଂହ ଚରଣ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାଟ୍ରିକ ପରୀକ୍ଷାରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ତପନ କୁମାର ସେନାପତି ସ୍ମୃତି ପୁରସ୍କାର ବାସନ୍ତୀ ସେନାପତିଙ୍କ ସୌଜନ୍ୟରେ ପ୍ରଦାନ କରାଯାଇଥିଲା। ଶିକ୍ଷାବିତ୍ ଗିରିଜା ରମଣ ଜେନା ଧନ୍ୟବାଦ ଦେଇଥିଲେ। ଦେବେନ୍ଦ୍ରନାଥ ବାରିକ, ପ୍ରଶାନ୍ତ କୁମାର ନାୟକ, ଗୟାଧର ନାୟକ, ବନମାଳୀ ମହାନ୍ତି, ପ୍ରେମାନନ୍ଦ ବଳ, ନାରାୟଣ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ସଂଘର ବାର୍ଷିକୋତ୍ସବରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ବନ୍ଧୁମିଳନ ଉତ୍ସବରେ ଶକ୍ତି ପ୍ରଦର୍ଶନ

ବାସୁଦେବପୁର, ୨୮।୧(ନାରାୟଣ ପ୍ରସାଦ ବାରିକ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବ୍ରାହ୍ମଣଗାଁ ପଞ୍ଚାୟତର ଗ୍ରାମ୍ୟ ଜଙ୍ଗଲ ନିକଟରେ ଯୁବ ସାମାଜିକ କର୍ମୀ ବାଣୀ କଲ୍ୟାଣ ମହାନ୍ତିଙ୍କ ନେତୃତ୍ୱରେ ଏକ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବନ୍ଧୁମିଳନ ଜରିଆରେ ଯୁବନେତା ମହାନ୍ତି ତାଙ୍କର ସମର୍ଥକଙ୍କୁ ନେଇ ନିଜର ରାଜନୈତିକ ଶକ୍ତି ପ୍ରଦର୍ଶନ କରିଛନ୍ତି। ବିଭିନ୍ନ ପଞ୍ଚାୟତରୁ ତାଙ୍କର ସମର୍ଥକ ଓ ବିଜେଡିର କେତେକ ଅସନ୍ତୁଷ୍ଟ ପଞ୍ଚାୟତସ୍ତରୀୟ ନେତା ଏହି ବନ୍ଧୁମିଳନ ଉତ୍ସବରେ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ବଂଶୀଧର ବିଶ୍ୱାଳ, ରାଜା କୁମାର ନାୟକ, ଗୁରୁପ୍ରସାଦ ମହାନ୍ତି, ମନୋରଞ୍ଜନ ରାଉତ, ଲିଙ୍କୁନ ଦଳେଇଙ୍କ ସମେତ ବାସୁଦେବପୁର ନିର୍ବାଚନମଣ୍ଡଳୀର ପ୍ରାୟ ୧୫ ଶହରୁ ଉର୍ଦ୍ଧ୍ୱ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ।

## ଥାନା ଆଗରେ ବିକ୍ଷୋଭ


ବସ୍ତା ଥାନା ସମ୍ମୁଖରେ ଲୋକେ ବିକ୍ଷୋଭ କରୁଛନ୍ତି।

ବାଲିଆପାଳ,୨୮।୧(ଅମୁଲ୍ୟ କୁମାର ଦାସ)

ପୂର୍ବ ଶତ୍ରୁତାକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବାଲେଶ୍ୱର ଜିଲା ବସ୍ତା ଥାନା ଆଗରେ ସ୍ଥାନୀୟ ଲୋକେ ବିକ୍ଷୋଭ କରିଛନ୍ତି। ସଦର ବ୍ଲକ ସୋଲପଟା ଛକରେ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଶିଳଦା ଗ୍ରାମର ଜଗୁ ନାମକ ଜଣେ ଯୁବକ ଏକ ବାଇକ୍ ଚୋରିକରି ନେଉଥିବା ବେଳେ ସୋଲପଟା ଗ୍ରାମର ବିଜୟ ବେହେରା ତାଙ୍କୁ ଧରି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଗ୍ରାମରେ ଏକ ବୈଠକ କରି ଉକ୍ତ ଯୁବକଙ୍କୁ ଚେତାବନୀ ଦେଇ ଛାଡ଼ି ଦେଇଥିଲେ। ଏହି ଘଟଣାକୁ ନେଇ ଶୁକ୍ରବାର ସକାଳେ ଜଗୁଙ୍କ ସମ୍ପର୍କୀୟମାନେ ମାରଣାସ୍ତ୍ର ଦେଖାଇ ବିଜୟ ବେହେରାଙ୍କୁ ତାଙ୍କ ଗ୍ରାମରୁ ଉଠାଇ ନେଇ ମରଣାନ୍ତକ ଆକ୍ରମଣ କରିଥିଲେ। ଯାହା ଫଳରେ ବିଜୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଏହାର ପ୍ରତିବାଦରେ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଶୁକ୍ରବାର ସନ୍ଧ୍ୟାରେ ସୋଲପଟା ଛକରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ମାତ୍ର ଘଟଣାକୁ ୩ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ରବିବାର ସୋଲପଟା ଏବଂ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକେ ବସ୍ତା ଥାନାରେ ପହଞ୍ଚି ବିକ୍ଷୋଭ କରିଥିଲେ। ତେବେ ପୋଲିସ ଆସନ୍ତା ୭ ଦିନ ଭିତରେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଚାକିରି କରାଇଦେବା ଆଳରେ ଠକେଇ, ଯୁବକ ଗିରଫ

ପାଟଣା,୨୮।୧(ବୀର କିଶୋର ଦାଶ):

କେନ୍ଦୁଝର ଜିଲା ତୁରୁମୁଙ୍ଗା ପୋଲିସ ସରକାରୀ ଚାକିରି କରାଇଦେବାକୁ କହି ୩୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ କେନ୍ଦୁଝର ସଦର ଥାନା କୁମୁଣ୍ଡି ତଳଜାଗର ଗ୍ରାମର ଦେବାନନ୍ଦ ମହାନ୍ତ(୨୯)। ଦେବାନନ୍ଦ ୪ ଜଣ ଯୁବକଙ୍କୁ ସରକାରୀ ଚାକିରି କରାଇଦେବେ କହି ମୋଟ ୩୦ ଲକ୍ଷ ଟଙ୍କା ଠକି ନେଇଥିଲେ। ଦେବାନନ୍ଦ ପ୍ରଥମେ ଭୁବନେଶ୍ୱରରେ ଏକ କୋଚିଂ ସେଣ୍ଟରେ ଅନ୍‌ଲାଇନ କୋଚିଂ ନେଉଥିବା ସମୟରେ ଜୁମ ଆପ ମାଧ୍ୟମରେ ଆଶାୟୀଙ୍କ ଫୋନ ନମ୍ବର ସଂଗ୍ରହ କରି କଥା ହୋଇଥିଲେ। ପରେ ସେ ଡାଇରେକ୍ଟର ସେକେଣ୍ଡାରୀ ଏଜୁକେଶନ (ଡିଏସ୍‌ଇ)ର ଜଣେ କର୍ମଚାରୀଙ୍କ ନା ନେଇ ଟଙ୍କା ଦେଲେ ହାଇସ୍କୁଲରେ ଖେଳ ଶିକ୍ଷକ, ଆରଆଇ ଏବଂ ପିଇଓ ପଦବୀରେ ଚାକିରି କରେଇ ଦେବେ କହି ପ୍ରାର୍ଥୀଙ୍କଠାରୁ ସମସ୍ତ ସାର୍ଟିଫିକେଟ ନେବା ସହ ନଗଦ, ଆକାଉଣ୍ଟ ଏବଂ ଫୋନ୍ ପେ ମାଧ୍ୟମର ସମସ୍ତଙ୍କଠାରୁ ଟଙ୍କା ନେଇଥିଲେ। ଓଡ଼ିଶା ସିନିୟର ମାଧ୍ୟମିକ ଶିକ୍ଷକ ଯୋଗ୍ୟତା ପରୀକ୍ଷାରେ ଜଣେ ଆଶାୟୀ ପ୍ରଶାନ୍ତଙ୍କ କମ ନମ୍ବର ଆସିବାରୁ ସନ୍ଦେହ ଉପୁଜିବା ପରେ ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସରାସପଣି ଗ୍ରାମର ପ୍ରଶାନ୍ତ ମହାନ୍ତ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ତୁରୁମୁଙ୍ଗା ପୋଲିସ ଏକ ମାମଲା(ନଂ. ୬୭/୨୪ ) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ପାଟଣା ବ୍ଲକ୍‌ରୁ ଏହିଭଳି ୪ ଜଣ ଯୁବକ ଠକେଇର ଶିକାର ହୋଇଛନ୍ତି। ପର୍ଯ୍ୟାୟ କ୍ରମେ ଅନ୍ୟ ୩ଟି ମାମଲା ତଦନ୍ତ କରି ଦେବାନନ୍ଦଙ୍କ ସହ ଆଉ କିଏ ସଂଶ୍ଳିଷ୍ଟ ଅଛନ୍ତି କି ନାହିଁ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।

## 'ଲକ୍ଷ୍ୟ ହାସଲ ପାଇଁ ସମୟାନୁବର୍ତ୍ତିତା, ଶୃଙ୍ଖଳିତ ହେବା ଜରୁରୀ'



ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବରେ ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

ବନ୍ତ,୨୮।୧(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ନିଳୋକ ପଞ୍ଚାୟତ ପଳାଶଗଡିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୩ୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପାର୍ଥସୁନ୍ଦର ମହାକୁଡଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ମୁଖ୍ୟବକ୍ତା ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା ଓ ବିଶିଷ୍ଟ ଅତିଥି ଭାବେ ବୈଜ୍ଞାନିକ ଡ. ଶେଷଦେବ କିଷାନ ଯୋଗ ଦେଇଥିଲେ। ସମୟାନୁବର୍ତ୍ତିତା, ଶୃଙ୍ଖଳିତ ଓ ଦୃଢ଼ତାର ସହ କାର୍ଯ୍ୟ କଲେ ଲକ୍ଷ୍ୟ ହାସଲ କରିହେବ ବୋଲି ଅତିଥିମାନେ କହିଥିଲେ। ଅନ୍ୟତମ ଅତିଥି ଭାବେ ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଡିଓ ପ୍ରଦୀପ କୁମାର ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟା ସୁମତୀ ସାହୁ, ସରପଞ୍ଚ ରଜନୀ ସେଠୀ, ସମିତିସଭ୍ୟ ଉଦ୍ଧବ ଚରଣ ସେଠୀ, ସାମାଜିକ କର୍ମୀ ସେକ୍ ଜଲାଲୁଦ୍ଦିନ୍, ଲକ୍ଷ୍ମୀକାନ୍ତ ମହାନ୍ତି, ଅବସରପ୍ରାପ୍ତ କାରା ମଙ୍ଗଳ ଅଧିକାରୀ ବାବାଜୀ ଚରଣ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷକ ରତିକାନ୍ତ ପଣ୍ଡା ଅତିଥି ପରିଚୟ, ନରେନ୍ଦ୍ର ଦାସ ସ୍ୱାଗତ ଭାଷଣ ପ୍ରଦାନ, ଅଧ୍ୟକ୍ଷ ପାର୍ଥସୁନ୍ଦର ମହାକୁଡ଼ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ତୃପ୍ତିମୟୀ ଦେହୁରୀ ଧନ୍ୟବାଦ ଦେଇଥିଲେ। ଅଶୋକ ମଲ୍ଲିକ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଏକ ଆର୍ଟଗ୍ୟାଲେରୀ ଉଦ୍‌ଘାଟନ ସହ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ବାର୍ଷିକ ପତ୍ରିକା ଉନ୍ମୋଚନ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## 'ଛାତ୍ର ସମାଜର ଭବିଷ୍ୟତ ଗଠନ ପାଇଁ ଆହ୍ୱାନ'

**ଅଖିଳ ଭାରତ ଛାତ୍ର ସଂଘର ବୈଠକ**

ବାଲେଶ୍ୱର,୨୮।୧(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ପତ୍ରୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ସଂଘ ଭବନ ପରିସରରେ ରବିବାର ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍‌ଏଫ୍) ବାଲେଶ୍ୱର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ସୁଶ୍ରୀ ସଂଘମିତ୍ରା ଜେନା ଯୋଗଦେଇ ଗୁଣାତ୍ମକ ଶିକ୍ଷାର ରୂପରେଖ ଓ ନୀତି ନିର୍ଦ୍ଧାରଣ ଉପରେ ପ୍ରଶ୍ନ ଉଠାଇଥିଲେ। ଛାତ୍ରସମାଜ ଗୁଣାତ୍ମକ-ବିଜ୍ଞାନ ସମ୍ମତ ଶିକ୍ଷା ଓ କର୍ମ ନିଯୁକ୍ତି ପାଇଁ ଶିକ୍ଷା ଓ ସଂଘର୍ଷ ଜାରି ରଖି ଛାତ୍ର ସଂଗଠନ ଭବିଷ୍ୟତ ନିର୍ଦ୍ଧାରଣ ପାଇଁ ଆହ୍ୱାନ ଦେଇଥିଲେ।

ବୈଠକରେ ଛାତ୍ରନେତା ସଞ୍ଜୟ ବେହେରା ଅଧ୍ୟକ୍ଷତା କରିଥିଲେ। ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ କନିଷ୍ଠ ମହାବିଦ୍ୟାଳୟରେ ଆବଶ୍ୟକୀୟ ଅଧ୍ୟାପକ, ଲାବୋରେଟୋରୀ ଆସିଷ୍ଟାଣ୍ଟ, କ୍ରୀଡ଼ା ଶିକ୍ଷକ ନ ଥିବା ବେଳେ ଲାଇବ୍ରେରୀରେ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ପାଇଁ ଆବଶ୍ୟକୀୟ ବହି ଦିଆଯାଉ ନାହିଁ, ଆବଶ୍ୟକୀୟ ଇନ୍‌ଡୋର୍ ଓ ଆଉଟଡୋର ଗେମସର କ୍ରୀଡ଼ା ସାମଗ୍ରୀ, ଆବଶ୍ୟକୀୟ ଖେଳ ପଡ଼ିଆ, ପରମିଟ ପଡ଼ିଆ ଓ ଜିଲା ସ୍କୁଲ ଷ୍ଟାଡ଼ିୟମରେ କ୍ରୀଡ଼ା ଅଭ୍ୟାସ ପାଇଁ ଅନୁମତି ମିଳୁ ନାହିଁ, ଜାତୀୟ ଶିକ୍ଷାନୀତି ଆଳରେ ବର୍ଷ ସାରା ଛାତ୍ରୀଛାତ୍ରଙ୍କୁ ପଢ଼ାଇ ଜ୍ଞାନ ବଢ଼ାଇବା ପରିବର୍ତ୍ତେ ବର୍ଷ ସାରା କେବଳ ପରୀକ୍ଷା ଆଉ ପରୀକ୍ଷା ଭିତରେ ସୀମିତ ରଖାଯାଉଛି ବୋଲି ଉପସ୍ଥିତ ଛାତ୍ରୀଛାତ୍ରମାନେ ଅଭିଯୋଗ କରିଥିଲେ।

ବୈଠକରେ ଏଆଇଏସ୍‌ଏଫ୍‌ର ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସମ୍ପାଦକ ମହମ୍ମଦ ସାହିରୁଲ ହକ୍, ଉପେନ୍ଦ୍ର ନାଥ କଲେଜ ସୋରର ପୂର୍ବତନ ଛାତ୍ର ସଂସଦ ସଭାପତି ଜୟନ୍ତ ମହାନ୍ତି, ଏଆଇଏସ୍‌ଏଫ୍‌ର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ଅଖିଳ ଭାରତ ଯୁବ ସଂଘର ରାଜ୍ୟ ଯୁଗ୍ମ ସମ୍ପାଦକ ତପନ କୁମାର ସିଟ୍ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ଏହି ଉଦ୍ୟମକୁ ଶୁଭେଚ୍ଛା ଜଣାଇଥିଲେ। ବୈଠକରେ ଅଖିଳ ଭାରତ ଛାତ୍ର ସଂଘର ବାଲେଶ୍ୱର ନଗର ପାଇଁ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ସର୍ବେଶ୍ୱର ବିନ୍ଧାଣି, ଉପ-ସଭାପତି ସାଇରାମ ପରିଡା, ପ୍ରୀତମ କୁମାର ଦାସ ଓ ଜ୍ୟୋତ୍ସ୍ନାରାଣୀ ମହାରଣା, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ଅମିତ କୁମାର ସିଂ, ଆଦିତ୍ୟ ମାଝୀ ଓ ମିତା ବେହେରା, ଏବଂ କୋଷାଧ୍ୟକ୍ଷ ରାମଶଙ୍କର ସିଂ, କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଦିନେଶ ସିଂ, ସୁରେଶ ମାଝୀ, ଜିତପ୍ରକାଶ ବେହେରା, ମିନସାମସୁଦ ଦୋହା, ରାମେଶ୍ୱର କମିଲା, ପ୍ରିତମ ନାୟକ, ସତ୍ୟଜିତ ମାଝୀ, ମନରଞ୍ଜନ ସାମଲ, ଗୋବିନ୍ଦ ବେହେରା, ଶୁଭଜିତ ଦେ, ଶିବାନନ୍ଦ ସୋରେନ ପ୍ରମୁଖ ସର୍ବ ସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି।



ଏଆଇଏସ୍‌ଏଫ୍ ରାଜ୍ୟ ସଭାପତି ସୁଶ୍ରୀ ସଂଘମିତ୍ରା ଜେନା ଅଭିଭାଷଣ ଦେଉଛନ୍ତି।

## ଦେଶୀ ବନ୍ଧୁକ ସମର୍ପଣ କର: ପିସିସିଏଫ୍

**ଶିମିଳିପାଳ ସୁରକ୍ଷା ଦାୟିତ୍ୱରେ ଏକ୍ସ-ଆର୍ମି, ଏସ୍‌ଟିପିଏଫ୍**

ବାରିପଦା,୨୮।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ବନ୍ଧୁକଧାରୀ ଏସ୍‌ଟିପିଏଫ୍ ଓ ଏକ୍ସ-ଆର୍ମିଙ୍କୁ ନିୟୋଜିତ କରାଯାଇଛି। ଶିକାରୀଙ୍କ ମୁକାବିଲା କରିବା ନିମନ୍ତେ ତାଲିମପ୍ରାପ୍ତ କର୍ମଚାରୀମାନେ ସଜାଗ ରହିଛନ୍ତି। ଅଭୟାରଣ୍ୟ ପାଦଦେଶ ଓ ଭିତରେ ଥିବା ବେଆଇନ ଦେଶୀ ବନ୍ଧୁକକୁ ଲୋକେ ଖୁବ୍‌ଶୀଘ୍ର ସର୍ମପଣ କରିବାକୁ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ୍) ସୁଶୀଲ ନନ୍ଦ ପ୍ରକାଶ କରିଛନ୍ତି। ଏହାସହ ଫରେଷ୍ଟଗାର୍ଡମାନଙ୍କ ପାଇଁ ଯଶିପୁରସ୍ଥିତ ବିଭାଗୀୟ କାର୍ଯ୍ୟାଳୟ ପରିସରରେ ବାସଗୃହର ଶିଳାନ୍ୟାସ କରିଛନ୍ତି।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଓ ଅଭୟାରଣ୍ୟକୁ ସୁରକ୍ଷିତ ରଖିବା ପାଇଁ ବାରିପଦା ମଞ୍ଚାବନ୍ଧାଠାରେ 'ଆମ ଶିମିଳିପାଳ ଆମ ଗର୍ବ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶିମିଳିପାଳ ସୁରକ୍ଷା ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ବନ୍ୟଜନ୍ତୁ ଶିକାର ଓ ଶିକାରୀଙ୍କୁ ରୋକିବା ପାଇଁ ତାଲିମପ୍ରାପ୍ତ ଶିମିଳିପାଳ ଟାଇଗର ପ୍ରୋଟେକ୍ସନ ଫୋର୍ସ (ଏସ୍‌ଟିପିଏଫ୍) ଓ ଏକ୍ସ-ଆର୍ମିଙ୍କୁ ନିୟୋଜିତ କରାଯାଇଛି। ଏଣିକି ଶିକାରୀମାନଙ୍କ ଅବାଧ ପ୍ରବେଶକୁ ରୋକାଯିବା ସହ ବନ୍ୟଜନ୍ତୁ ଶିକାରରେ ଅଙ୍କୁଶ ଲଗାଯାଇପାରିବ ବୋଲି ବନବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିସିସିଏଫ୍ କହିଛନ୍ତି। ଗତ ୩ ବର୍ଷ ମଧ୍ୟରେ ବାରିପଦା ସର୍କଲରେ ମୋଟ ୪୫୦ଟି ଦେଶୀ ବନ୍ଧୁକ ଜବତ କରାଯାଇଥିବା ସେ କହିଛନ୍ତି।

ବିଶ୍ୱର କେବଳ ଶିମିଳିପାଳ ଅଭୟାରଣ୍ୟରେ କଳାବାଘ (ମିଲାନେଷ୍ଟିକ ଟାଇଗର) ଦେଖାଯାଇଥାଏ। ଶିମିଳିପାଳ ଅଭୟାରଣ୍ୟର ୧୫ କି.ମି. ଦୂର ବାରିପଦା ନିକଟସ୍ଥ ୨ଶହ ହେକ୍ଟର ଜମିରେ ଏକ କଳାବାଘ ସଫାରୀ ନିର୍ମାଣ ହେବ। ଏହା ନିର୍ମାଣ ହେଲେ ପର୍ଯ୍ୟଟକମାନେ କଳାବାଘ ଦେଖିବାର ସୁଯୋଗ ପାଇପାରିବେ। ଆସନ୍ତା ଅକ୍ଟୋବରରେ ମୁଖ୍ୟମନ୍ତ୍ରୀ ଏହାର ଲୋକାର୍ପଣ କରିବେ ବୋଲି ସେ ସୂଚନା ଦେଇଛନ୍ତି। ଚିଡ଼ିଆଖାନା କିମ୍ବା ଜଙ୍ଗଲ ମଧ୍ୟରେ ରହିବାକୁ ସକ୍ଷମ ନ ଥିବା କଳାବାଘଗୁଡ଼ିକୁ ନେଇ ଏକ ସଫାରୀ ନିର୍ମାଣ କରାଯିବ। ସାରା ବିଶ୍ୱର ପର୍ଯ୍ୟଟକମାନେ ଏହାକୁ ଦେଖିବାର ସୁଯୋଗ ନେଇପାରିବେ। ଏହାସହ ଅଞ୍ଚଳର ବେକାର ଯୁବକମାନେ ରୋଜଗାର ପାଇପାରିବେ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିବା ବେଳେ କୌଣସି ଲୋକଙ୍କୁ ବିସ୍ଥାପିତ କରାଯିବ ନାହିଁ ବୋଲି ସେ କହିଛନ୍ତ। ସେହିପରି ଶିମିଳିପାଳ ଜାତୀୟ ଉଦ୍ୟାନକୁ ନେଇ ପୁନର୍ବାର ବିଜ୍ଞପ୍ତି ପ୍ରକାଶ ପାଇବ। ଲୋକଙ୍କ ଅଧିକାରକୁ ନେଇ ବିଚାର ବିମର୍ଶ ପରେ ଫାଇନାଲ ବିଜ୍ଞପ୍ତି ଜାରି କରାଯିବ। ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡା. ପ୍ରକାଶ ଚାନ୍ଦ ଗୋଗିନେନି, ଉତ୍ତର ଡିଭିଜନର ଉପନିର୍ଦ୍ଦେଶକ ସାଇ କିରଣ, ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା, ବାରିପଦା ଡିଭିଜନର ଡିଏଫ୍‌ଓ ସନ୍ତୋଷ ଯୋଶୀ, କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ, ରାଇରଙ୍ଗପୁର ଡିଭିଜନର ଅଧିକାରୀ ଶିବପ୍ରସାଦ ଦତ୍ତ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବନ୍ଧୁମିଳନ

ଠାକୁରମୁଣ୍ଡା,(ତାରାକାନ୍ତ ପଟ୍ଟନାୟକ): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ରବିବାର ଚାଇଁବାଇଁଣୀ ନିକଟ ସିମନଦୀ ନିକଟରେ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ୪୫ ଜଣ ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିବା ବେଳେ ସଭାପତି ଗିରିଶ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ୱତନ୍ତ୍ର ସଂଘର ପଞ୍ଜୀକରଣ କରିବା ବିଷୟରେ ଆଲୋଚନା ହୋଇଥିଲା। ସମ୍ପାଦକ ପ୍ରଫୁଲ୍ଲ ଦାସ ଧନ୍ୟବାଦ ଦେଇଥିଲେ।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ଲିଗ୍ ମ୍ୟାଚ ଇଷ୍ଟ ଜୋନ୍ ଇଣ୍ଟର ୟୁନିଭରସିଟି ଖୋ-ଖୋ (ମହିଳା) ଟୁର୍ନାମେଣ୍ଟ ୨୦୨୩-୨୪ର ତୃତୀୟ ଦିବସ, ସ୍ଥାନ- ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ସମୟ- ପୂର୍ବାହ୍ନ ୧୦ଟା।

**ବାଲିଆପାଳ**

- ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ ତମ ଜନ୍ମ ମହା ମହୋତ୍ସବ ଏବଂ ସତ୍‌ସଙ୍ଗ କେନ୍ଦ୍ରର ୨୮ ତମ ଉଦ୍‌ବୋଧନ ସ୍ମାରକୀ ଉତ୍ସବ ସମାରୋହ, ସ୍ଥାନ- ବାଲିଆପାଳ ସତ୍‌ସଙ୍ଗ କେନ୍ଦ୍ର, ସମୟ- ବ୍ରହ୍ମମୁହୂର୍ତ୍ତ।

**ଭଦ୍ରକ**

- ତାରିଣୀ ମନ୍ଦିରର ପଞ୍ଚମ ବାର୍ଷିକୋତ୍ସବ, ଭବ୍ୟ କଳସ ଯାତ୍ରା, ସ୍ଥାନ: ଗବସାହି, ଭଦ୍ରକ, ସମୟ: ପୂର୍ବାହ୍ନ ୧୧।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଧାମନଗର, ସମୟ: ପୂର୍ବାହ୍ନ ୧୦।

# ଗାଁକୁ ରାସ୍ତା ନାହିଁ, ଲୋକଙ୍କୁ ଆବାସ ମିଳିନି



### ମୌଳିକ ସୁବିଧାରୁ ବଞ୍ଚିତ ଜମିରିଡିହିବାସିନ୍ଦା

କେନ୍ଦୁଝର,୨୮।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ମାଲଦା ପଞ୍ଚାୟତ ଅନ୍ତର୍ଗତ ବଣଜଙ୍ଗଲ ପାହାଡ଼ ପର୍ବତଘେରା ଜମିରିଡ଼ିହି ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ସ୍କୁଲ, ପର୍ଯ୍ୟଟନସ୍ଥଳ, ସହରଠାରୁ ଗାଁର ଉନ୍ନତୀକରଣ କରୁଛନ୍ତି। ମାତ୍ର ଆଜି ପର୍ଯ୍ୟନ୍ତ ଉକ୍ତ ଗାଁକୁ ଭଲ ରାସ୍ତାଟିଏ ନାହିଁ। ଗ୍ରାମର ଅନେକେ ଭତ୍ତା, ଆବାସ ଘରରୁ ମଧ୍ୟ ବଞ୍ଚିତ ରହିଛନ୍ତି। ବ୍ଲକ୍‌ର ଶେଷ ସୀମାରେ ଗ୍ରାମ ରହିଥିବାରୁ ବିକାଶର ଆଲୋକ ପହଞ୍ଚି ପାରୁନାହିଁ। ଅଭିଯୋଗ କଲେ ମଧ୍ୟ ପ୍ରଶାସନ ଅଣଦେଖା କରୁଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

କେନ୍ଦୁଝର ଜିଲା ମୁଖ୍ୟାଳୟରୁ ପ୍ରାୟ ୪୦ କି.ମି. ଓ ପଞ୍ଚାୟତଠାରୁ ୧୮ କି.ମି. ବ୍ୟବଧାନରେ ଉକ୍ତ ଗ୍ରାମ ଅବସ୍ଥିତ। ଗ୍ରାମରେ ୫୩ ଭୂୟାଁ ଓ ୬୦ ମୁଣ୍ଡା ଆଦିବାସୀ ସମ୍ପ୍ରଦାୟର ପରିବାର ବସବାସ କରିଆସୁଛନ୍ତି। ଗ୍ରାମକୁ ଗମନାଗମନର ସୁବିଧା ନାହିଁ। ଏଣୁ ପିଡିଏସ୍ ଚାଉଳ, ଭତ୍ତା ଓ ବିଭିନ୍ନ କାମରେ ପଞ୍ଚାୟତକୁ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବହୁ ଆଦିବାସୀଙ୍କ ବୟସ ୬୦ରୁ ଊର୍ଦ୍ଧ୍ୱ ହୋଇଥିଲେ ହେଁ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ସେହିପରି ଅନେକ ଆବାସ ଯୋଜନାରେ ଘର ଖଣ୍ଡେ ପାଇ ନ ଥିବାରୁ ଭଙ୍ଗା ଦଦରା ଘରେ ବର୍ଷା, ଶୀତ କାକରରେ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି। ଜଙ୍ଗଲରୁ ସଂଗୃହୀତ କାଠି, ପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ବିକି ଚଳନ୍ତି। ଅନେକ ଓଳିଏ ଖାଇ ଓଳିଏ ଉପବାସରେ ଜୀବନ ଅତିବାହିତ କରୁଥିବା ଗ୍ରାମର ଶିବ ଦେହୁରୀ, ମୁକୁନ୍ଦ ମୁଣ୍ଡା, ଚୈତନ୍ୟ ନାୟକ ପ୍ରମୁଖ କହିଛନ୍ତି। ଏଣୁ ତୁରନ୍ତ ପିଡିଏସ୍ ସାମଗ୍ରୀ ନିମନ୍ତେ ଏହି ଗ୍ରାମରେ ବ୍ୟବସ୍ଥା କରିବା ସହିତ ଭତ୍ତା, ଚାଉଳ ଓ ମୋ କୁଡ଼ିଆ, ବିଜୁ ପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ଆଦି ଯୋଜନାରେ ସାମିଲ କରି ଉକ୍ତ ଗ୍ରାମର ଗରିବ ପରିବାରକୁ ସହାୟତା କରିବାକୁ ସ୍ଥାନୀୟ ଅଞ୍ଚଳର ଲୋକେ ଜିଲା ପ୍ରଶାସନ ପାଖରେ ଅନୁରୋଧ କରିଛନ୍ତି। ଏ ନେଇ ଉକ୍ତ ଗ୍ରାମର ସମସ୍ୟା ଅନୁଧ୍ୟାନ କରି ସାମାଜିକ କର୍ମୀ ରଞ୍ଜନ ବେହେରା, ଜୟକୃଷ୍ଣ ନାୟକ ଜିଲା ପ୍ରଶାସନଙ୍କୁ ସହାୟତା ଦେବାକୁ ନିବେଦନ କରିଛନ୍ତି।

# ଜିଲାପାଳ, ଅତିରିକ୍ତ ଜିଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା



ବାରିପଦା,୨୮।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପ୍ରଶାସନ ଏବଂ ଜିଲାପାଳ ତଥା ଦଣ୍ଡାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ବିଦାୟୀ ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ରବିବାର ସଦ୍‌ଭାବନା କକ୍ଷରେ ଆୟୋଜିତ ସଭାରେ ଅତିରିକ୍ତ ଜିଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ଜିଲାପାଳ ବିନୀତ ଭରଦ୍ୱାଜ ଏବଂ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ଜିଲାପାଳ ଭରଦ୍ୱାଜ ସମସ୍ତ ଅଧିକାରୀଙ୍କୁ ବିଗତ ୫ ବର୍ଷ ଧରି ଜିଲାରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସଫଳତା ଏବଂ ତ୍ୱରାନ୍ୱିତ ପ୍ରଣାଳୀକୁ କାର୍ଯ୍ୟକାରୀ କରିଥିବା କହିଥିଲେ। ସମସ୍ତ ନବ ନିଯୁକ୍ତ ଯୁବ ଅଧିକାରୀମାନଙ୍କୁ ନିଷ୍ଠା ଏବଂ ତତ୍ପରତା ସହିତ କାର୍ଯ୍ୟ କରିବା ପାଇଁ ଉପଦେଶ ଦେଇଥିଲେ। ସେହିପରି ଅଗ୍ରୱାଲ ଜିଲାରେ କାମ କରିଥିବା ବେଳେ ଅନେକ ଶିକ୍ଷଣୀୟ ଅନୁଭବ ପ୍ରାପ୍ତ କରିଛନ୍ତି ବୋଲି କହିଥିଲେ। ଅନ୍ୟ ଏକ ସାଧାରଣ ସଭା ସ୍ଥାନୀୟ ପ୍ରୟାସ ହଲଠାରେ ଆୟୋଜିତ ହୋଇଥିଲା। ମୟୂରଭଞ୍ଜ ଆରକ୍ଷୀ ଅଧିକ୍ଷିକା ଏସ. ସୁଶ୍ରୀ ଜିଲାପାଳ ଏବଂ ଅଗ୍ରୱାଲଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାନବୀଶ, ଅକ୍ଷୟ ପିଲ୍ଲାଇ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁଙ୍କ ସମେତ ଅତିରିକ୍ତ ଜିଲାପାଳ ରାଇରଙ୍ଗପୁର ଦୌଲତ ଚନ୍ଦ୍ରକାର, ବାରିପଦା ଉପ ଜିଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଦେବାଶିଷ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଜଗବନ୍ଧୁ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ନିଯୁକ୍ତ

ବାଲିଆପାଳ(ଅମୂଲ୍ୟ କୁମାର ଦାସ/ ଗୋପାଳ ଚନ୍ଦ୍ର ସାହୁ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ),୨୮।୧– ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ତଥା ବାଲେଶ୍ୱର ଜିଲା ବିଜୁ ଯୁବ ଜନତା ଦଳ ସଭାପତି ତାପସ କୁମାର ପରିଡାଙ୍କ ସହମତି କ୍ରମେ ବାଲେଶ୍ୱର ଜିଲା ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଭାବେ ବାଲିଆପାଳ ପଞ୍ଚାୟତର ଯୁବନେତା ଜଗବନ୍ଧୁ ଜେନାଙ୍କୁ ନିଯୁକ୍ତି ମିଳିଛି। ଜେନା କଂଗ୍ରେସ ଦଳ ଛାଡ଼ି ବିଜେଡିରେ ସାମିଲ ହେବା ପରେ ଦଳ ପକ୍ଷରୁ ତାଙ୍କୁ ଏହି ଦାୟିତ୍ୱ ମିଳିଛି। ଏହି ଦାୟିତ୍ୱ ମିଳିବା ପରେ ଜେନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ଯୁବ ବିଜେଡି ସଭାପତି ଡ. ବ୍ୟୋମକେଶ ରାୟ, ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ, ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଭାନେତ୍ରୀ ସୁବାସିନୀ ଜେନା, ବାଲେଶ୍ୱର ଜିଲା ଯୁବ ବିଜେଡି ସଭାପତି ତାପସ କୁମାର ପରିଡ଼ା ପ୍ରମୁଖ ନେତୃବୃନ୍ଦଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଆଦିବାସୀ ମେଳାରେ ମନ ମୋହୁଛି ଗୋଁଣ୍ଡ ଖଣ୍ଡା ନୃତ୍ୟ

କେନ୍ଦୁଝର,୨୮।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭୁବନେଶ୍ୱର ସ୍ଥିତ ୟୁନିଟ-୧ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଆଦିବାସୀ ମେଳା-୨୦୨୪ରେ କେନ୍ଦୁଝର ଜିଲା ଗୋଁଣ୍ଡ ସାଂସ୍କୃତିକ ସମାଜ ତରଫରୁ ଗୋଁଣ୍ଡ ପାରମ୍ପରିକ ଖଣ୍ଡା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସମ୍ପ୍ରଦାୟର ପରମ୍ପରା ଓ ସଂସ୍କୃତି ଉପରେ ପର୍ଯ୍ୟବେକ୍ଷିତ ଯୁଦ୍ଧକଳା ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। କାର୍ଯ୍ୟକ୍ରମରେ ବାଲିପୋଖରୀ ମା' ଗୌରୀ ଖଣ୍ଡା ନୃତ୍ୟ ଏକାଡେମୀ କଳାକାରମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା।

ଗୋଁଣ୍ଡ ଜାତିର ଏହି ପାରମ୍ପାରିକ ଖଣ୍ଡାନୃତ୍ୟ ପୂର୍ବପୁରୁଷ ମାନଙ୍କଠାରୁ ମିଳିଥିବା କଳା ଖଣ୍ଡାନୃତ୍ୟ ସମାଜର ସମସ୍ତ ମହିଳାଙ୍କୁ ଶିକ୍ଷା ଦିଆଯାଇଥାଏ। ମହିଳାମାନେ ଖଣ୍ଡାନୃତ୍ୟ ଜିଲାର ପ୍ରତ୍ୟେକ ପଲ୍ଲୀରେ ଗୌରୀ ପୂଜା ସମୟରେ କରିଆସୁଛନ୍ତି। ଖଣ୍ଡାନୃତ୍ୟକୁ ନିର୍ମଳ ଚନ୍ଦ୍ର ନାୟକ ନିର୍ଦ୍ଦେଶନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆଦିବାସୀ ଭାଷା ଏବଂ ସଂସ୍କୃତି ଏକାଡ଼େମୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଓଡ଼ିଶା ସରକାର ତରଫରୁ ଗୋଁଣ୍ଡ ପାରମ୍ପରିକ ଖଣ୍ଡା ନୃତ୍ୟ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୋଁଣ୍ଡ ସାଂସ୍କୃତିକ ସମାଜର ଜନାର୍ଦ୍ଦନ ନାୟକ, ଦୟାନିଧି ଖଣ୍ଡା, ଦିଗାମ୍ବର ଦଣ୍ଡପାଟ, ଫକୀର ଚରଣ ଖଣ୍ଡା, କିରଣବାଳା ନାୟକ, ଅପୂର୍ବ ନାୟକ, ଧନେଶ୍ୱର ନାୟକ, ତପନ ନାୟକ, ନବୀନ ନାୟକ ପ୍ରମୁଖ ସହଯୋଗ କରିଥିଲେ।



ଗୋଁଣ୍ଡ ଖଣ୍ଡା ନୃତ୍ୟ କଳାକାରମାନେ।

## ବିଜେଡି ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

ବାହାନଗା,୨୮।୧(ଅରୂପ୍ କୁମାର ଦାସ)– ବାହାନଗା ବ୍ଲକ ସାଉଡୁ ପଞ୍ଚାୟତର ଥାଳସଡ଼ା ଗ୍ରାମରେ ରବିବାର ପଞ୍ଚାୟତସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଅଜୟ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ ଦଳୀୟ କର୍ମୀମାନଙ୍କୁ କୌଣସି କୁଚକ୍ରିମାନଙ୍କ କଥାରେ ନ ପଡ଼ି ଦଳୀୟ ସଂଗଠନକୁ ବଢ଼ାଇବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଉପାଧ୍ୟକ୍ଷ ବାସନ୍ତୀ ପତି, ବିଜୟ ମହାପାତ୍ର, ଗଣପତି ପଣ୍ଡା, କାର୍ଯ୍ୟକାରୀ ସଭାପତି ସୁମନ୍ତ ନାୟକ, ଗୋଲକ ପୁହାଣ, ଅଶ୍ୱିନୀ ପତି, ଭଜହରୀ ପଣ୍ଡା, ୱାର୍ଡ ସଭ୍ୟା ରଞ୍ଜୁଲତା ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୁମନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

# ଏସ୍‌ୟୁଜେର ଜିଲା ସଂଘ ଗଠିତ

ଭଦ୍ରକ,୨୮।୧ (ସନାତନ ରାଉତ)

ଖବରଦାତାମାନେ ଅବହେଳିତ ହୋଇ ରହିଯାଇଛନ୍ତି। କେବଳ ସ୍ୱାସ୍ଥ୍ୟବୀମାକୁ ବାଦ୍ ଦେଲେ ଅନ୍ୟ କୌଣସି ସୁବିଧା ଦିଆଯାଉ ନାହିଁ। ଖବରଦାତାଙ୍କ କଲ୍ୟାଣ ପାଇଁ ସରକାରଙ୍କ ପାଖରେ ଦାବିକୁ ପହଞ୍ଚାଇବା ସଂଘର ପ୍ରୟାସ ବୋଲି ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ)ର ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ ରବିବାର ଭଦ୍ରକ ସାଳନ୍ଦୀ ଜଳସେଚନ ଡାକବଙ୍ଗଳାରେ ଅନୁଷ୍ଠିତ ବୈଠକରେ ମତବ୍ୟକ୍ତ କରିଛନ୍ତି। ଖବରଦାତା ପ୍ରତାପ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅତିଥି ଭାବେ ପର୍ଯ୍ୟବେକ୍ଷକ ଜାତୀୟ ସାମ୍ବାଦିକ ସଂଘର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଚିନ୍ତାମଣି ପାଢ଼ୀ ଓ ରାଜ୍ୟ ଉପସଭାପତି ବାସୁଦେବ ତ୍ରିପାଠୀ ଯୋଗଦେଇଥିଲେ। ଜିଲା ସଂଘ ଗଠିତ ହୋଇ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପ୍ରତାପ ଦାସ, ସମ୍ପାଦକ ତପନ ମିଶ୍ର, ମୁଖ୍ୟ ଉପଦେଷ୍ଟା ନୀହାର ଦାସ, ଉପଦେଷ୍ଟା ବାସୁଦେବ ତ୍ରିପାଠୀ, ତପନ ସ୍ୱାଇଁ, ଧ୍ରୁବଚରଣ ବାରିକ, ଅମର ବାରିକ, କାର୍ଯ୍ୟକାରୀ ସଭାପତି ଉମାକଲ୍ୟାଣ ମହାପାତ୍ର, ଉପସଭାପତି ଶିବାନନ୍ଦ ଦାସ ଓ ରଜତ ପଣ୍ଡା, ସହସମ୍ପାଦକ ପ୍ରଭାତ ଦାସ, ପ୍ରିୟବ୍ରତ ଦାସ ଏବଂ କୋଷାଧ୍ୟକ୍ଷ ଭାବେ ବିନୋଦ ଧଳସାମନ୍ତଙ୍କୁ ଚୟନ କରାଯାଇଛି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଅଜୟ ପଣ୍ଡା, ସଞ୍ଜୀବ ମହାନ୍ତି ଏବଂ ପ୍ରଭାତ ସାମଲ ମନୋନୀତ ହୋଇଥିଲେ। ଜଗନ୍ନାଥ ନାୟକ, କମଳାକାନ୍ତ ପରିଡ଼ା, ଗୁଲାମ ଜିଲାନୀ ହବିବି, ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ମା' ତାରିଣୀଙ୍କ ପୂଜକ ରଷିନାଥଙ୍କ ପରଲୋକ

ଘଟଗାଁ,୨୮।୧(ରାଜେନ୍ଦ୍ର କୁମାର ପଟ୍ଟନାୟକ): କେନ୍ଦୁଝର ଜିଲା ଘଟଗାଁବାସିନୀ ମା'ତାରିଣୀଙ୍କ ପୂଜକ ରଷିନାଥ ଦେହୁରୀ(୭୫)ଙ୍କ ପରଲୋକ ଘଟିଛି। ସେ ଏକମାସ ହେବ ରୋଗାଗ୍ରସ୍ତ ହୋଇ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ରବିବାର ମୃତଦେହ ଘଟଗାଁ ନିକଟସ୍ଥ ଗୋଲାବନ୍ଧ ବାସଭବନାରେ ପହଞ୍ଚିବା ପରେ କଂଗ୍ରେସ ନେତା ସୁଲିଆ ପଟ୍ଟନାୟକ, ଅବସରପ୍ରାପ୍ତ ମନ୍ଦିର କର୍ମଚାରୀ କ୍ଷେତ୍ରବାସୀ ନାୟକ, ପୂଜକ ଶ୍ୟାମ ସୁନ୍ଦର ଦେହୁରୀ ପ୍ରମୁଖ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗକୁ ସମବେଦନା ଜଣାଇଥିଲେ। ମୃତଶଯ୍ୟା ନିକଟରେ ସହଧର୍ମିଣୀ ରଙ୍ଗଲତା ଦେହୁରୀ, ପୁତ୍ର ମାନସ, ୨ ଝିଅ ଓ ୨ ଜ୍ୱାଇଁ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

# କ୍ରିକେଟ ଟୁର୍ନାମେଣ୍ଟ: ବିଇଓ ଅଫିସ ଟିମ୍ ଚାମ୍ପିୟନ



ଚାମ୍ପିୟନ ଟିମ୍‌କୁ ଅତିଥି ପୁରସ୍କୃତ କରୁଛନ୍ତି।

ଧାମନଗର,୨୮।୧ (ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗର ଏନ୍‌ଏସିସ୍ଥିତ ଜୟନଗର ଖେଳପଡ଼ିଆରେ ଅସୁରାଳି ସାଂସ୍କୃତିକ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଦଶମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୬ ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ୍‌ରେ ଖଙ୍ଗରା କ୍ଲଷ୍ଟରକୁ ହରାଇ ବିଇଓ ଅଫିସ ଧାମନଗର ଚାମ୍ପିୟନ ହୋଇଛି। ବିଇଓ ଅଫିସ୍ ଟିମ୍ ଟସ୍ ଜିତି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୩୨ ରନ୍ କରିଥିଲା। ଖଙ୍ଗରା କ୍ଲଷ୍ଟର ୧୨ ଓଭରରେ ୫ ଉଇକେଟ ହରାଇ ୯୦ ରନ୍ କରି ରନର୍ସଅପ୍ ହୋଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଖଙ୍ଗରା ଟିମ୍‌ର ଦୀପକ ନାୟକ ଏବଂ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ବିଇଓ ଅଫିସ ଟିମ୍‌ର ସୁଶାନ୍ତ ସେଠୀଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟାର ଭାବେ ଏସ୍ କେ ସଲାଉଦ୍ଦିନ ଓ ଅଶ୍ୱିନୀ ବେହେରା ପରିଚାଳନା କରିଥିବା ବେଳେ ପଙ୍କଜ ସାମଲ ରେଫରୀ ଥିଲେ। ସ୍କୋରର ଥିଲେ ରୂପକ ମିଶ୍ର ଓ ମୁଜାଫିର ହୋସେନ। ଶଙ୍କର୍ଷଣ ମଳିକ, ପୀତବାସ ଜେନା ଓ ଏସ୍ କେ ସଲିମ ଧାରା ବିବରଣୀ ପ୍ରଦାନ କରିଥିଲେ।

ସାଂସ୍କୃତିକ ମଞ୍ଚର ସଭାପତି ହୁନୁକ ମଳିକଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଗଦାଧର ଜେନା, ଏବିଇଓ ସତ୍ୟସୁନ୍ଦର ପରିଡ଼ା, ସହଦେବ ସାହୁ, ଅଭିମନ୍ୟୁ ମଳିକ, ସତ୍ୟବ୍ରତ ଭାରତୀ, ଭାବଗ୍ରାହୀ ଖୁଣ୍ଟିଆ, ଶିବ ଚରଣ ମଳିକ, ପ୍ରଶାନ୍ତ ବେହେରା, ମନୋଜ ସିଂ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ନିରାକାର ରାଉତ, ସଞ୍ଜୟ ପାଢ଼ୀ, ନିଶିକାନ୍ତ ସାମଲ, ବ୍ରହ୍ମାନନ୍ଦ ଜେନା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## କନ୍‌ଭେୟର ବେଲ୍ଟରେ ଲାଗି ଶ୍ରମିକଙ୍କ ମୃତ୍ୟୁ

ଯୋଡ଼ା,୨୮।୧(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ଟାଟା ଷ୍ଟିଲ୍‌ର ପୂର୍ବ ଯୋଡ଼ା ଲୁହାପଥର ଖଣିରେ କନ୍‌ଭେୟର ବେଲ୍ଟରେ ଲାଗି ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ପୁରୁଷୋତ୍ତମପୁରର ମୋଟେଇ ତାମସୋଇ(୪୨)। ଘଟଣାରେ ବଡ଼ବିଲ ଅଞ୍ଚଳର ତୁଷାର ମହାନ୍ତ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ୨ ଶ୍ରମିକ ଶନିବାର ଡ୍ରାଇ ପ୍ଲାଣ୍ଟର ମରାମତି କାର୍ଯ୍ୟ କରୁଥିଲେ। ସେ ସମୟରେ ପ୍ଲାଣ୍ଟରେ ସଂଯୋଗ ହୋଇଥିବା କନ୍ ଭେୟର ବେଲ୍ଟକୁ କେହି ଚଳାଇ ଦେବାରୁ ୨ ଶ୍ରମିକ ବେଲ୍ଟରେ ଚାପି ହୋଇଯାଇଥିଲେ। ସେମାନଙ୍କୁ ଉଦ୍ଧାର କରି ଯୋଡ଼ା ଟାଟା ଷ୍ଟିଲ ଡାକ୍ତରଖାନା ପରେ ଜାମସେଦପୁର୍ ଟିଏମ୍‌ଏଚ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ରବିବାର ସେଠାରେ ତାମସୋଇଙ୍କ ମୃତ୍ୟୁ ଘଟିଥିବା ଯୋଡ଼ା ଟାଟା ଷ୍ଟିଲ କର୍ପୋରେଟ କମ୍ୟୁନିକେସନ ଅଧିକାରୀ ଶୁଭଙ୍କର ବେହେରା ସୂଚନା ଦେଇଛନ୍ତି। ବଡ଼ବିଲ ଅଞ୍ଚଳର ରାଜେଶ ମହାନ୍ତ ଘଟଣାସ୍ଥଳରେ ଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

# ଯୁବକମାନେ ଜାଗ୍ରତ ହେଲେ ସମାଜ ଆଗକୁ ବଢ଼ିପାରିବ

### ଯୁବ ବିଜେଡିର ପ୍ରଶିକ୍ଷଣ ଶିବିର

ଧାମନଗର, ୨୮।୧ (ଦେବେନ୍ଦ୍ର ଆଦିଆ)

ଆଜିର ଯୁବ ସମାଜ କାଲିର ମେରୁଦଣ୍ଡ। ଯୁବକମାନେ ଜାଗ୍ରତ ହେଲେ ସମାଜ ଆଗକୁ ବଢ଼ିପାରିବ ବୋଲି ରବିବାର ଧାମନଗର ବ୍ଲକ ଡିଗିଠାରେ ଅନୁଷ୍ଠିତ ଯୁବ ବିଜେଡିର ପ୍ରଶିକ୍ଷଣ ଶିବିରରେ କୁହାଯାଇଛି। ନିର୍ବାଚନମଣ୍ଡଳୀ ସ୍ତରୀୟ ଏହି ଶିବିରରେ ରାଜ୍ୟ ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବିଜେଡିର ରାଜ୍ୟ ସାମାଜିକ ଗଣମାଧ୍ୟମ ସଂଯୋଜକ ସ୍ୱୟମ୍ ପ୍ରକାଶ ମହାପାତ୍ର, ଏମ୍‌ପି ମଞ୍ଜୁଲତା ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ଉପସ୍ଥିତ ବିଜୁ ଯୁବ ଜନତା ଦଳର କର୍ମୀ ଓ ଦଳୀୟ ସାମାଜିକ କର୍ମୀଙ୍କୁ ସଙ୍ଗଠନକୁ କିପରି ସୁଦୃଢ଼ କରାଯାଇପାରିବ ଓ ଆଗାମୀ ସାଧାରଣ ନିର୍ବାଚନରେ ଯୁବକମାନଙ୍କ ଦାୟିତ୍ୱ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲା ସଂଯୋଜକ ଡା. ସଞ୍ଜୟ ଦାସ, ସୁବାସ ନାୟକ, ବିଜୁ ଯୁବ ଜନତା ଦଳର ଜିଲା ସଭାପତି ମୁକୁନ୍ଦ ସାମଲ, ନିର୍ବାଚନମଣ୍ଡଳୀ ସଭାପତି ସ୍ୱାଧୀନ ନାୟକ, ଜିଲା ମହିଳା ସଭାନେତ୍ରୀ ବିଦ୍ୟୁତଲତା ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଚାନ୍ଦିପୁର ବେଳାଭୂମି ମହୋତ୍ସବର ୩ୟ ସନ୍ଧ୍ୟା

ବାଲେଶ୍ୱର,୨୮।୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ଚାନ୍ଦିପୁର ବେଳାଭୂମିରେ ଚାଲିଥିବା ୨୪ତମ ଚାନ୍ଦିପୁର ବେଳାଭୂମି ମହୋତ୍ସବର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଆ ଭାଷା ସାହିତ୍ୟ, ପର୍ଯ୍ୟଟନ, ସଂସ୍କୃତି ତଥା ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଯୋଗୁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରୁଥିବା ଚାନ୍ଦିପୁର ବେଳାଭୂମି ବିଶେଷତ୍ୱ ହରାଉଥିବାରୁ ଚିନ୍ତା ପ୍ରକଟ କରିଥିଲେ। ଏହି ଅବସରରେ ସ୍ମରଣିକା 'ସୁବର୍ଣ୍ଣ ସିକତା'କୁ ମନ୍ତ୍ରୀ ଏବଂ ଅତିଥିମାନେ ଲୋକର୍ପଣ କରିଥିଲେ। ଆୟୋଜିତ ସଭାରେ ମହୋତ୍ସବ କମିଟିର ସଭାପତି ତଥା ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବିଧାୟକ ସ୍ୱରୂପ କୁମାର ଦାସ, ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ, ଆଇଟିଆରର ନିର୍ଦ୍ଦେଶକ ହରେକୃଷ୍ଣ ରଥ ଯୋଗ ଦେଇଥିଲେ। ମହୋତ୍ସବ କମିଟିର ଉପସଭାପତି ବିପ୍ଳବ କୁମାର ମହାନ୍ତି, ସାଧାରଣ ସମ୍ପାଦକ ହରେକୃଷ୍ଣ ଦାଶ, ଅତିରିକ୍ତ ସମ୍ପାଦକ ଭାବଗ୍ରାହୀ ମହାନ୍ତି, ସମ୍ପାଦକ କିଶୋର ଚନ୍ଦ୍ର ଦାସ, ସମ୍ପାଦକ ଶ୍ରୀମାନ ଶ୍ରୀଚନ୍ଦନ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଞ୍ଚଳିକ କଳାକାର ତଥା ବିଶିଷ୍ଟ ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ ନୃତ୍ୟ ସନ୍ଧ୍ୟାରେ ଦର୍ଶକମାନଙ୍କୁ ବେଶ୍ ଆମୋଦିତ କରିଥିଲା।



ମନ୍ତ୍ରୀ ଓ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ଲେଖା ହିଁ ଓଡ଼ିଆ ଭାଷା, ସାହିତ୍ୟକୁ ସମୃଦ୍ଧ କରିଛି

### ବନ୍ଧୁମିଳନ ଓ ପତ୍ରିକା ଲୋକାର୍ପଣ ଉତ୍ସବ

ରୂପସା,୨୮।୧(ବାଞ୍ଛାନିଧି ଦେ)

ରୂପସା ଏଫସିଆଇ ନିକଟ ଭଗବାନପୁର ଗ୍ରାମ ମହାପାତ୍ର ଫାର୍ମ ହାଉସ ବୈଠକ ବଙ୍ଗଳାରେ ରୂପସା ଅଞ୍ଚଳର ବିଭିନ୍ନ ଅଗ୍ରଣୀ ସଂଗଠନର ୨୫ତମ ବାର୍ଷିକ ବନ୍ଧୁମିଳନ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଆମ ପରିବାରର ମୁଖ୍ୟ ତଥା ସାମାଜିକ କର୍ମୀ ଭଗବାନ ମହାପାତ୍ର ପୌରାହିତ୍ୟ କରି ଦୃଢ଼ ଇଚ୍ଛାଶକ୍ତି ସଫଳତାର ଚାବି କାଠି ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟ ଅତିଥି ଓରିପୋଲ ଇଣ୍ଡଷ୍ଟ୍ରିଜର ଏମ୍‌ଡି ଆଦିତ୍ୟ ବେହେରା, ମୁଖ୍ୟ ବକ୍ତା ସାହିତ୍ୟିକ ସୃଷ୍ଟିଧର ପରିଡା ଯୋଗ ଦେଇ ଲେଖକଙ୍କ ବଳିଷ୍ଠ ଲେଖା ଓଡ଼ିଆ ଭାଷା, ସାହିତ୍ୟକୁ ସମୃଦ୍ଧ କରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ, ପତ୍ରିକାର ପ୍ରକାଶକ କିଶୋର ମହାପାତ୍ର, ମୁଖ୍ୟ ସମ୍ପାଦକ ଶାନ୍ତନୁ ପଟ୍ଟନାୟକ, ସମୟର ଚକ୍ର ପତ୍ରିକାର ସମ୍ପାଦକ ସର୍ବେଶ୍ୱର ଜେନା ଯୋଗ ଦେଇଥିଲେ। ଏହି ଅବସରରେ ରୂପସା ଆଞ୍ଚଳିକ ଆମ ପରିବାର ଆନୁକୂଲ୍ୟରେ ପ୍ରକାଶିତ 'ଆମ ପରିବାର ଓ ଆମ ପଞ୍ଚାୟତ ପତ୍ରିକା' ଏବଂ ଭଗବାନ ମହାପାତ୍ରଙ୍କ ରଚିତ 'ମୋ ଆଦରର ଚାରୋଟି ଗ୍ରାମ ଓ ରାଜଧାନୀ ଭୁବନେଶ୍ୱର' ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦ ପାଠ କରିଥିଲେ। ଛାତ୍ରୀ ନିବେଦିତା ମହାପାତ୍ର ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପ୍ରଧାନ, ପୂର୍ବତନ ଟେଲିସେବା ଅଧିକାରୀ ସୁଧାକର ଗିରି, ପୂର୍ବତନ ପିଇଓ ବୃନ୍ଦାବନ ପଣ୍ଡା ଓ କରୁଣାକର ସ, ପୂର୍ବତନ ଅଧିକାରୀ ଅକ୍ଷୟ କୁମାର ମିଶ୍ର, ପରିବେଶପ୍ରେମୀ ରବୀନ୍ଦ୍ର ବେହେରା, ନିରଞ୍ଜନ ବାରିକ, ଯୋଗୀ ପରମାନନ୍ଦ ବାରିକ ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ। ଶିକ୍ଷକ ବିଶ୍ୱନାଥ ପ୍ରଧାନ, ଅନ୍ତର୍ଯ୍ୟାମୀ ମହାପାତ୍ର, ସୁଦର୍ଶନ ମହାପାତ୍ର, ଚକ୍ରଧର ମହାପାତ୍ରଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।




ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

# ସନ୍ତୋଷୀଙ୍କୁ ଚମ୍ପୁଆରେ ଭବ୍ୟ ସ୍ୱାଗତ

### ଅଟୋରେ ଅଯୋଧ୍ୟା ଯାଇଥିଲେ

ଚମ୍ପୁଆ,୨୮।୧(ମହେଶ୍ୱର ଦାସ)

ପ୍ରଭୁ ଶ୍ରୀ ରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବାକୁ ଅଟୋରେ ଅଯୋଧ୍ୟା ଯାଇଥିବା କେନ୍ଦୁଝରର ମହିଳା ଅଟୋ ଚାଳିକା ସନ୍ତୋଷୀ ଦେଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସନ୍ତୋଷୀ ଗତ ୨୭ ତାରିଖ ସନ୍ଧ୍ୟାରେ ଅଯୋଧ୍ୟାରୁ ଚମ୍ପୁଆ ବାଟ ଦେଇ ଫେରୁଥିଲେ। ବାଟରେ ଚମ୍ପୁଆ ଶ୍ରୀ ରାମ ମନ୍ଦିର ଦର୍ଶନ କରିଥିବା ବେଳେ ରାମ ମନ୍ଦିର କମିଟି ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସନ୍ତୋଷୀ ଦେଓ ଅଟୋରେ ଅଯୋଧ୍ୟାରେ ଶ୍ରୀ ରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ଯାତାୟାତର ଅନୁଭୂତି ବଖାଣିବା ସହିତ ପ୍ରଭୁ ଶ୍ରୀ ରାମଙ୍କ ଉପରେ ରଖିଥିବା ଆସ୍ଥା ଓ ବିଶ୍ୱାସ ତାଙ୍କ ପଥ ସରଳ କରିଥିବା ସୂଚନା ଦେଇଥିଲେ। ଏପରିକି ଅଯୋଧ୍ୟାରୁ ଆଣିଥିବା ପ୍ରସାଦ କମିଟି ମେମ୍ବର ସମେତ ସ୍ଥାନୀୟ ଲୋକଙ୍କୁ ପ୍ରଦାନ କରିଥିଲେ।



ରାମ ମନ୍ଦିରରେ ଅଯୋଧ୍ୟା ଫେରନ୍ତା ସନ୍ତୋଷୀ ଦେଓ।

**ବ୍ୟାନର ଚିରାକୁ ନେଇ ଗଣ୍ଡଗୋଳ, ୩ ଆହତ**

ବାଲିଆପାଳ,(ଗୋପାଳ ଚନ୍ଦ୍ର ସାହୁ)- ବାଲେଶ୍ୱର ଜିଲା ବସ୍ତା ନିର୍ବାଚନ ମଣ୍ଡଳୀର ଇଡଦା ପଞ୍ଚାୟତରେ ବ୍ୟାନର ଚିରାକୁ ନେଇ ଗଣ୍ଡଗୋଳରେ ୩ ଜଣ ଆହତ ହୋଇଛନ୍ତି। ଏହି ପଞ୍ଚାୟତରେ ଲାଗିଥିବା ବିଜେଡି ରାଜ୍ୟ ମହିଳା କାର୍ଯ୍ୟକାରିଣୀ ସଭାପତି ସୁବାସିନୀ ଜେନା ଓ କଂଗ୍ରେସ ନେତା ବିଜନ ନାୟକଙ୍କ ବ୍ୟାନରକୁ ଉଭୟ ଦଳର କର୍ମୀ ଚିରି ଦେବାରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା।

## ସଂକ୍ଷେପରେ

### ଜେସିବି ତଳେ ଚାପିହୋଇ ଯୁବକ ମୃତ

ତିହିଡି,୨୮।୧ (ସଞ୍ଜିତ ବଳ)–ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ତାଳପଦା ଗ୍ରାମରେ ରବିବାର ଅପରାହ୍ନରେ ଜେସିବି ତଳେ ଚାପିହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ସୁବୋଧ ଜେନା(୩୨)। ସୂଚନା ଅନୁଯାୟୀ, ସେ ଜେସିବି ଉପରେ ବସିଥିବା ବେଳେ ଜେସିବି ଓଲଟି ପଡ଼ିଥିଲା। ଫଳରେ ସେ ଜେସିବି ତଳେ ଚାପିହୋଇ ଯାଇଥିଲେ। ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତିହିଡ଼ି ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ରଘୁନାଥ ପାତ୍ର, ଦୁର୍ଗାଚରଣ ନାୟକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ସମିତିସଭ୍ୟ ଚିନ୍ତାମଣି ଦାସ, ରାକେଶ ମହାପାତ୍ର ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

### ଢେଙ୍କିକୋଟ ଜୋନ୍ କଂଗ୍ରେସର ବନ୍ଧୁମିଳନ

ଢେଙ୍କିକୋଟ,୨୮।୧(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଢେଙ୍କିକୋଟ ଜୋନ୍ କଂଗ୍ରେସ କର୍ମୀଙ୍କ ରବିବାର ଜିଲା ପାର୍କ ଚିକିଣିଆଠାରେ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁମିଳନ ଉତ୍ସବ ଢେଙ୍କିକୋଟ ଜୋନ୍ ସଭାପତି ରାମଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଘଟଗାଁ ବ୍ଲକର ପୁରୁଖା କଂଗ୍ରେସ କର୍ମୀ ରାମଚନ୍ଦ୍ର ମହାରଣା, ପ୍ରଫୁଲ୍ଲ ରାଉତ, ଏମ୍‌ଡି ଅଲ୍ଲୀ, ଏମ୍‌ଡି ସୋଲେମାନ, ସୁରେନ୍ଦ୍ର ପଟ୍ଟନାୟକ, ପଞ୍ଚାନନ ମଣ୍ଡଳ, ଦିଲ୍ଲୀପ ନାଏକ, ଦୁଷ୍ମନ୍ତ ସିଂହ ପ୍ରମୁଖ ଯୋଗ ଦେଇଥିବା ବେଳେ ପୂର୍ବତନ କଂଗ୍ରେସ ସେବା ଦଳର ସଦସ୍ୟ ସେକ କୁଦ୍ଦୁସଙ୍କ ଦେହାନ୍ତ ହୋଇଯାଇଥିବାରୁ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଉପସ୍ଥିତ ସମସ୍ତ କଂଗ୍ରେସ କର୍ମୀ ୨ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସର ସ୍ଥିତି ଯେପରି ଘଟଗାଁ ବ୍ଲକ୍ ଢେଙ୍କିକୋଟ ଜୋନ୍‌ରେ ସୁଦୃଢ଼ ପ୍ରଦର୍ଶନ କରିବ ସେଥିପାଇଁ ସଂକଳ୍ପ ନେଇଛନ୍ତି। ଶେଷରେ ଏମ୍‌ଡି ଅଲ୍ଲୀ ସମସ୍ତ କର୍ମୀଙ୍କୁ ଧନ୍ୟବାଦ ଦେଇଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

କାଳିପଦା,୨୮।୧(ରାଜଶ୍ରୀ ପାଣିଗ୍ରାହୀ)– ବାଲିଆପାଳ ବ୍ଲକ ବଣିଆଡ଼ିହା ପଞ୍ଚାୟତ ଭଁରେଶ୍ୱର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମିଳନ୍ କୁମାର ମହାନ୍ତିଙ୍କ ପରଲୋକ ଘଟିଛି।



ଏନେଇ ବାଲିଆପାଳ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଶୋକ ସଭା ଆୟୋଜନ କରାଯାଇଥିଲା। ସଂଘର ମଣ୍ଡଳ ସମ୍ପାଦକ ନରସିଂହ ବିଶ୍ୱାଳ, ପଞ୍ଚାୟତ ସମ୍ପାଦକ ଭରତ ଚନ୍ଦ୍ର ବେହେରା, ସଭ୍ୟ ସୁଧାକର ଦାସ, ରବୀନ୍ଦ୍ର କୁମାର ମଣ୍ଡଳ, ବିଷ୍ଣୁପଦ ଗିରି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ‘ଭଦ୍ରାଶ୍ରୀ’ରେ ସାମିଲ ହେଲା ୬ ଉତ୍ପାଦ

ଭଦ୍ରକ,୨୮।୧(ସନାତନ ରାଉତ)



ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଷ୍ଟଲରେ ପ୍ରଦର୍ଶିତ ଶୁଖୁଆ।

ଭଦ୍ରକ ନେହେରୁ ଷ୍ଟାଡିୟମରେ ଚାଲିଥିବା ଜିଲା ମହୋତ୍ସବ ‘ଭଦ୍ରାୟଣୀ’ର ତୃତୀୟ ସନ୍ଧ୍ୟାରେ ଶନିବାର ଓଲିଉଡ୍ କଣ୍ଠଶିଳ୍ପୀ ଇରା ମହାନ୍ତି ଓ ଆଶୁତୋଷଙ୍କ ମେଲୋଡ଼ି ସହ ଭୂମିକାଙ୍କ ନୃତ୍ୟ, ସଂଳାପ ଦର୍ଶକଙ୍କ ମନ ମୋହିଥିଲା। ଏହା ସାଙ୍ଗକୁ ପପୁ ପମ୍‌ପମ୍‌ଙ୍କ କମେଡ଼ିରେ ଦର୍ଶକ ହସି ହସି ବେଦମ୍ ହୋଇଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ମନୋଜ ପାତ୍ର ପ୍ରମୁଖ ଯୋଗଦେଇ ଭଦ୍ରାୟଣୀ ମଞ୍ଚ ଆଞ୍ଚଳିକ ପ୍ରତିଭାମାନଙ୍କ ଦକ୍ଷତାର ବିକାଶରେ ସହାୟକ ହୋଇଛି ବୋଲି କହିଥିଲେ। ଏହି ଅବସରରେ ଜିଲାର ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଉତ୍ପାଦକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଭଦ୍ରାୟଣୀ ମଞ୍ଚରେ ‘ଭଦ୍ରାଶ୍ରୀ’ ବ୍ରାଣ୍ଡର ଲୋଗୋ ଓ ଉତ୍ପାଦ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ବଡ଼ି, ଆଚାର, ପାମ୍ପଡ଼, ଧୂପକାଠି, ଗୁଡ଼ ସହ ବାସୁଦେବପୁରର ପ୍ରସିଦ୍ଧ ଶୁଖୁଆ ଏହି ୬ ଉତ୍ପାଦକୁ ଭଦ୍ରାଶ୍ରୀ ବ୍ରାଣ୍ଡରେ ଅନ୍ତର୍ଭୁକ୍ତ କରାଯାଇଛି। ଓରମାସ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ରାଉତ, ଓଏଲ୍‌ଏମ୍ ଡିପିଏମ୍ ସଞ୍ଜୟ କୁମାର ବାରିକ ଓ ମିଶନ ଶକ୍ତିର ଡିପିସି ଅଭିକ୍ ନାରାୟନ ପରିଚାଳନା କରିଥିଲେ।

**ଭଦ୍ରାୟଣୀର ୩ୟ ସନ୍ଧ୍ୟା**

ଅପରାହ୍ନ ୪ଟାରୁ ଶିକ୍ଷୟିତ୍ରୀ କାଦମ୍ବରୀ କରଶର୍ମା ଓ ସଙ୍ଗୀତ ନିର୍ଦ୍ଦେଶକ ଭଦ୍ରାୟଣୀ ଶୀର୍ଷକ ସଙ୍ଗୀତର କଣ୍ଠଶିଳ୍ପୀ ଡାନିସ୍ ସିଦ୍ଧାର୍ଥଙ୍କ ସଂଯୋଜନାରେ ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏଡିଇଓ ମାୟାଧର ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏଥିରେ ସହଯୋଗ କରିଥିଲେ। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଏବଂ ଡେପୁଟି କଲେକ୍ଟର ମଣ୍ଡଳ ହିନ୍ଦୀ ସଙ୍ଗୀତ ପରିବେଷଣ କରିଥିଲେ।

# ଗ୍ରାମୀଣ ମେଳାରେ କନକ ଜୁଏଲେରି ଷ୍ଟଲ୍ ଖୋଲିଲା



ପଦ୍ମଶ୍ରୀ କଣ୍ଢେଇ ନୃତ୍ୟ ଶିଳ୍ପୀ ମାଗୁଣି ଚରଣ କୁଅଁର ଉଦ୍‌ଘାଟନ କରୁଛନ୍ତି।

କେନ୍ଦୁଝର,୨୮।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର କନକ ଜୁଏଲେରି ପକ୍ଷରୁ ମାସିକିଆ ଯୋଜନା ଚଳିତ ମାସ ୧୫ ତାରିଖରୁ ଆରମ୍ଭ ହୋଇଛି। ଗ୍ରାହକମାନେ କିପରି ସହଜରେ ସୁନାଗହଣା କିଣିବାକୁ ସୁଯୋଗ ପାଇବେ ସେଥିପାଇଁ କେନ୍ଦୁଝର କାଳୀପଡ଼ିଆରେ ଆରମ୍ଭ ହୋଇଥିବା ଗ୍ରାମୀଣ ମେଳାରେ କନକ ଜୁଏଲେରି ପକ୍ଷରୁ ସ୍ୱତନ୍ତ୍ର ଷ୍ଟଲ୍‌କୁ ଶନିବାର ପଦ୍ମଶ୍ରୀ କଣ୍ଢେଇ ନୃତ୍ୟ ଶିଳ୍ପୀ ମାଗୁଣି ଚରଣ କୁଅଁର ଉଦ୍‌ଘାଟନ କରିଛନ୍ତି। ଏହି ସମୟରେ ଆଇନ୍‌ଜୀବୀ ଚତୁର୍ଭୂଜା ହୋତା, ରଞ୍ଜନ ବେହେରା, ଜିଲା ଜୁଏଲେରି ଆସୋସିଏଶନର ସଭାପତି ରାମଚନ୍ଦ୍ର ସାହୁ, ମଞ୍ଜୁଶ୍ରୀ ସାହୁ, ଶାଶ୍ୱତ କର ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ଯେଉଁ ଗ୍ରାହକ ମାସିକିଆ ଯୋଜନାରେ ସୁନାଗହଣା କିଣିବାକୁ ଚାହିଁବେ ସେମାନଙ୍କ ପାଇଁ ପ୍ରଥମ ମାସର କିସ୍ତିରେ ୫ ପ୍ରତିଶତ ରିହାତି ଘୋଷଣା କରାଯାଇଛି। ମାସିକିଆ ଯୋଜନାରେ ଗ୍ରାହକମାନେ ୧୨ ମାସର କିସ୍ତି ଦେବା ପରେ ପରବର୍ତ୍ତୀ ମାସର କିସ୍ତି କନକ ଜୁଏଲେରି ପକ୍ଷରୁ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ସେହିପରି ୨୪ ମାସର କିସ୍ତି ଦେଲେ ପରବର୍ତ୍ତୀ ମାସର କିସ୍ତି କନକ ଜୁଏଲେରି ପକ୍ଷରୁ ଦିଆଯାଉଛି। ସେହିପରି ୩ ମାସିଆ, ୬ ମାସିଆ ସହିତ ୫ ବର୍ଷିଆ ଯୋଜନା ମଧ୍ୟ ଲାଗୁ ହେବ। ଏହାଛଡ଼ା ଯେଉଁ ଗ୍ରାହକ ୭ ଲକ୍ଷ ଟଙ୍କା କିସ୍ତି ପ୍ରଦାନ କରିଥିବେ ତାଙ୍କୁ ସୁନାଗହଣା ସହ ଇ–ସ୍କୁଟର, ୨୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ସୁନାଗହଣା ସହ ରୟାଲ ଏନ୍‌ଫିଲ୍ଡ ବୁଲେଟ ବାଇକ ଓ ୫୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ସୁନାଗହଣା ସହ ଏକ କାର୍ ଉପହାର ପ୍ରଦାନ କରାଯିବ। ପ୍ରତ୍ୟେକ ୫ ହଜାର ଟଙ୍କାର ଜମା ଉପରେ ଏକ କୁପନ ଗ୍ରାହକଙ୍କୁ ପ୍ରଦାନ କରାଯିବ। କୁପନ ଜରିଆରେ ୧୩ ମାସ ପରେ ପ୍ରତ୍ୟେକ ମାସର ୧୧ ତାରିଖରେ ଲଟେରି ଉଠାଣ କରାଯିବ। ବିଜେତାଙ୍କୁ ଇ–ସ୍କୁଟର ପ୍ରଦାନ କରାଯିବ ବୋଲି ବିଏସ୍ ମଲ୍‌ର ପରିଚାଳକ ବିଶ୍ୱନାଥ ରାଉଳ ପ୍ରକାଶ କରିଛନ୍ତି।

# ବୈଦିକ ସଂସ୍କୃତି ଚେତନା ଶୋଭାଯାତ୍ରା




ବୈଦିକ ଚେତନା ସଂସ୍କୃତି ଶୋଭାଯାତ୍ରା ଖଇରା ବଜାର ପରିକ୍ରମା କରୁଛି।

ଖଇରା,୨୮।୧(ଉତ୍କଳବନ୍ଧୁ ପଣ୍ଡା)

ଆଞ୍ଚଳିକ ବ୍ରାହ୍ମଣ ସମିତି ଖଇରା ଶାଖା ଆନୁକୂଲ୍ୟରେ ଖଇରା ବ୍ଲକର ବଣପାରିଆ ଗ୍ରାମରେ ଚତୁର୍ଦ୍ଦଶ ବାର୍ଷିକୋତ୍ସବ ଓ ବୈଦିକ ସଂସ୍କୃତି ଚେତନା ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବ୍ରହ୍ମଧ୍ୱଜା ଉତ୍ତୋଳନ ପରେ ବୈଦିକ ସଂସ୍କୃତି ଚେତନା ଶୋଭାଯାତ୍ରା ଖଇରା ବଜାର ପରିକ୍ରମା କରିବା ବେଳେ ବେଦମନ୍ତ୍ରରେ ବଜାର ପ୍ରକମ୍ପିତ ହୋଇଥିଲା। ପରେ ଜଳଧର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଧର୍ମାଲୋଚନାରେ ଜିଲା ସଭାପତି ଶ୍ରୀଶ ଦାଶ, ସମ୍ପାଦକ ଗୌରଚନ୍ଦ୍ର ଦାଶ, ଉପସଭାପତି ଶକ୍ତିପଦ ପଣ୍ଡା, ପ୍ରଦୀପ କୁମାର ମିଶ୍ର ଓ ହରିହର ପାଣିଗ୍ରାହୀ ଯୋଗଦେଇ ବ୍ରାହ୍ମଣମାନଙ୍କ ଆଚରଣ ଓ ଉଚ୍ଚାରଣ ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷ୍ଣଚନ୍ଦ୍ର ପତ୍ରୀ ସ୍ୱାଗତ ଭାଷଣ ଓ ରମାକାନ୍ତ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ବିଭିନ୍ନ ଜୋନ ସମ୍ପାଦକ ରାମଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ଦାଶ, ବିଷ୍ଣୁମୋହନ ଶତପଥୀ, ବାସୁଦେବ ପଣ୍ଡା, ଯଦୁନାଥ ନନ୍ଦ, ମଧୁସୂଦନ ଆଚାର୍ଯ୍ୟ, ବଂଶୀଧର ପଣ୍ଡା, ଅର୍ଜୁନ ପଣ୍ଡା, କାର୍ତ୍ତିକ ଉପାଧ୍ୟାୟ, ବୃନ୍ଦାବନ ମହାପାତ୍ର, ପଦ୍ମନାଭ ପଣ୍ଡା ପ୍ରମୁଖ ସଙ୍ଗଠନର ଅଗ୍ରଗତି ଉପରେ ଆଲୋକପାତ କରିଥିଲେ। ରଘୁନାଥ ପତ୍ରୀ ଧନ୍ୟବାଦ ଦେଇଥିଲେ।

# ରେଡ୍‌କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର

ବାଙ୍ଗିରିପୋଷି,୨୮।୧ (ସଞ୍ଜୟ କୁମାର ଅଗ୍ରୱାଲ)

ବାଙ୍ଗିରିପୋଷି ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡ୍‌କ୍ରସ ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିରୂପେ ରାଜ୍ୟସଭା ସାଂସଦ ମମତା ମହାନ୍ତ ଯୋଗଦେଇ ପତାକା ଉତ୍ତୋଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥିରୂପେ ଜିଲା ପରିଷଦ ସଭାପତି ଭାରତୀ ହାଁସଦା ଯୋଗଦେଇ ସେବା, ପରୋପକାରିତା ଓ ସର୍ବପରି ରକ୍ତଦାନ ଭଳି ମହତ ଗୁଣର ଅଧିକାରୀ ହେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବାଙ୍ଗିରିପୋଷୀ ବ୍ଲକ୍ ଶିକ୍ଷା ଅଧିକାରୀ ଗୌତମ ପାତ୍ର, ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁନିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡ୍‌କ୍ରସ ସମ୍ପାଦକ ଭାଗୀରଥି ମଲ୍ଲିକ ଶିବିରର ଆଭିମୁଖ୍ୟ ଓ ନିୟମାବଳୀ ବର୍ଣ୍ଣନା କରିଥିଲେ। ପ୍ରଶିକ୍ଷକ ଭାବେ ରାଜ୍ୟ ସାଧନକର୍ମୀ ଉମାକାନ୍ତ ବେହେରା, ବାମନ ଚରଣ ମହାନ୍ତି, ଡ଼. ରମାକାନ୍ତ ମହାନ୍ତ, ଜିଲା ରେଡ୍‌କ୍ରସ ସଂଯୋଜକ ଡ. ଶଶୀଧର ବିଶ୍ୱାଳ, ସତ୍ୟ ନାରାୟଣ ଦାସ, ଜିଲା ଜୁନିୟର ରେଡ୍‌କ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣି, ଜିଲା ସାଧନକର୍ମୀ ବିନ୍ଦୁରେଖା ପାତ୍ର ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନାର ସାଧନକର୍ମୀ ଚନ୍ଦନ ଦାସ, ଦୀପକ ରାମ ପ୍ରମୁଖ ଯୋଗ ଦେଇଛନ୍ତି। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଶିବିରରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୫୧୬ ଜଣ ଶିବିରାର୍ଥୀ, ୮୫ ଜଣ ରେଡ୍‌କ୍ରସ କାଉନ୍‌ସେଲର ଯୋଗଦେଇଥିଲେ। ସେଣ୍ଟ୍ରାଲ ଅଫିସିଆଲ ଭାବେ ହରିଶ୍ଚନ୍ଦ୍ର ରାଉତ, ବୀରେନ୍ଦ୍ର ଦଳେଇ, ବ୍ରହ୍ମାନନ୍ଦ ମାହାଳିକ, ପଙ୍କଜ ବେହେରା, ପ୍ରଦୀପ ଚୌଧୁରୀ, ଅଭିନନ୍ଦନ ମହୁରୀ, ମନୋରଞ୍ଜନ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

# ଶିକାରୀଙ୍କ ଗୁଳିରେ ନିହତ ଫରେଷ୍ଟରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ପୂର୍ବତନ ଫରେଷ୍ଟର ବିମଳ ଜେନାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ପିସିସିଏଫ୍, ପରିବାରବର୍ଗ ଓ ଅନ୍ୟମାନେ।

ବାରିପଦା,୨୮।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ନଅଁଣା ରେଞ୍ଜ୍‌ରେ ଶିକାରୀଙ୍କ ଗୁଳିରେ ନିହତ ଫରେଷ୍ଟର ବିମଳ ଜେନାଙ୍କ ପ୍ରତିମୂର୍ତ୍ତିକୁ ଶନିବାର ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ (ପିସିସିଏଫ୍) ସୁଶାନ୍ତ ନନ୍ଦ ଉନ୍ମୋଚନ କରିଛନ୍ତି। ନଅଁଣା ରେଞ୍ଜ୍ ନିର୍ଗିଦା ଚେକ୍‌ଗେଟରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଛି। ଏହି ଅବସରରେ ସ୍ୱଗତ ଜେନାଙ୍କ ପରିବାରବର୍ଗ, ସ୍ଥାନୀୟ ଗ୍ରାମବାସୀ, ଏସ୍‌ଟିପିଏଫ୍ ସ୍କ୍ୱାଡ୍ ଏବଂ ପର୍ଯ୍ୟଟକମାନେ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ଗତବର୍ଷ ଅଭୟାରଣ୍ୟକୁ ସୁରକ୍ଷା ଦେବା ସମୟରେ କାର୍ଯ୍ୟରତ ଫରେଷ୍ଟର ବିମଳଙ୍କୁ ଶିକାରୀମାନେ ଗୁଳି କରି ହତ୍ୟା କରିଥିଲେ। ଏହାକୁ ନେଇ ସାରା ରାଜ୍ୟରେ ଉଦ୍‌ବେଗ ପ୍ରକାଶ ପାଇବା ସହ ଅଭୟାରଣ୍ୟକୁ ଶିକାର ମୁକ୍ତ କରିବା ପାଇଁ ଦାବି କରାଯାଇଥିଲା। ଫଳରେ ରାଜ୍ୟ ସରକାର ହସ୍ତକ୍ଷେପ କରି ପୋଲିସ ଓ ବନ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରି ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରିଛନ୍ତି।

# ‘ପୁସ୍ତକ ପଠନ ମଣିଷକୁ ଅନ୍ଧାରରୁ ଆଲୋକକୁ ନେଇଥାଏ’

ଭଦ୍ରକ,୨୮।୧(ସନାତନ ରାଉତ)



ପୁସ୍ତକ ପଠନ ଦ୍ୱାରା ବହୁ ଜ୍ଞାନ ଆହରଣ ହୋଇଥାଏ। ଏହା ମଣିଷକୁ ଅନ୍ଧାରରୁ ଆଲୋକକୁ ନେଇଥାଏ ବୋଲି ଭଦ୍ରକ ବାଗୁରାଇସ୍ଥିତ ଡଗମୁଣ୍ଡ ଦ୍ରୌପଦୀ ପ୍ୟାଲେସରେ ରବିବାର ଅନୁଷ୍ଠିତ କୀର୍ତ୍ତନ ବିହାରୀ ଲକ୍ଷ୍ମୀଦେବୀ ମେମୋରିଆଲ ଟ୍ରଷ୍ଟର ୨ୟ ବାର୍ଷିକୋତ୍ସବ ଓ ସମ୍ବର୍ଦ୍ଧନା ପର୍ବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମ୍ୟାନେଜିଂ ଟ୍ରଷ୍ଟି ଡ. ନାରାୟଣ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଉଦ୍‌ଘାଟକ ଭାବେ କବି ଡ. ଅବନୀ ପ୍ରଧାନ, ମୁଖ୍ୟଅତିଥି ସାହିତ୍ୟିକ ବିଜୟ ପ୍ରଧାନ, ମୁଖ୍ୟବକ୍ତା ହଳଧର ପଣ୍ଡା, ବିଶିଷ୍ଟ ଅତିଥି ନୀଳାମ୍ବର ବିଶ୍ୱାଳ, ବରେଣ୍ୟ ଅତିଥି ଶିଶୁ ସାହିତ୍ୟିକ ରତ୍ନାକର ଦାସ ଏବଂ ଅନ୍ୟତମ ଅତିଥି ଭାବେ ଗାଳ୍ପିକ ପୀତାମ୍ବର ବିଶ୍ୱାଳ ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଡ. ହୃଷୀକେଶ ତ୍ରିପାଠୀ ଓ ସୁରେନ୍ଦ୍ର କୁମାର ପରିଡ଼ା ଯୋଗ ଦେଇଥିଲେ। ଶିକ୍ଷକ ରମାକାନ୍ତ ଜେନା ସଞ୍ଚାଳନ କରିଥିବା ବେଳେ ସମ୍ପାଦକ ପ୍ରଫେସର ଯୋଗେନ୍ଦ୍ର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରାଧ୍ୟାପକ ଗଜେନ୍ଦ୍ର ସେନାପତି, ଅଧ୍ୟାପିକା ଉଷାରାଣୀ ଜେନା, ପ୍ରଫେସର ଯୋଗେନ୍ଦ୍ର ଜେନା, ନିର୍ମଳ ଚନ୍ଦ୍ର ବାରିକ, କୀର୍ତ୍ତନ ବିହାରୀ ନାୟକ, ଗଣେଶ ପ୍ରସାଦ କରଶର୍ମା, ପ୍ରଫେସର ରାଇମୋହନ ମହାପାତ୍ର, ଗୋଲକ ବିହାରୀ ସାହୁ, ଭାନୁମତୀ ମାଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# କଳା ପ୍ରଦର୍ଶନ କଲେ ସ୍ଥାନୀୟ ନୃତ୍ୟଶିଳ୍ପୀ



କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

ଯୋଡ଼ା,୨୮।୧(ମାନସ ମହାନ୍ତି)

**ଦ୍ୱିତୀୟ ଦିନରେ ଯୋଡ଼ା ମହୋତ୍ସବ**

କେନ୍ଦୁଝର ଜିଲା ଯୋଡ଼ା ମହୋତ୍ସବ ଦ୍ୱିତୀୟ ଦିନରେ ଯୋଡ଼ା, ବଡ଼ବିଲ, ବିଲେଇପଦା ପ୍ରଭୃତି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ନୃତ୍ୟ କଳା ପ୍ରଦର୍ଶନ କରାଯାଇଥିଲା। ଅପରାହ୍ନରେ ବଡ଼ି ବିଲ୍ଡିଂ ପ୍ରଦର୍ଶନ, ଲୋକକଳା ପ୍ରଦର୍ଶନ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ସମୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଯୋଡ଼ା ଟାଟା ଷ୍ଟିଲ ମୁଖ୍ୟ ରାଜେଶ କୁମାର, ସମ୍ମାନିତ ଅତିଥିଭାବେ ଖଣି ଲିଜ୍‌ଧାରୀ ତାରିଣୀ ପ୍ରସାଦ ମହାନ୍ତି, ମହୋତ୍ସବ କମିଟି ସମ୍ପାଦକ ସୁଶାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ରାଜେଶ କୁମାର କଳା, କ୍ରୀଡ଼ା ଅନ୍ୟାନ୍ୟ ଦକ୍ଷତା କ୍ଷେତ୍ରରେ ଯୋଡ଼ାର ଯୁବତୀଯୁବକମାନେ ଯୋଡ଼ା ମହୋତ୍ସବ ମାଧ୍ୟମରେ ଆଗକୁ ଆସୁଛନ୍ତି। ଆଗାମୀ ଦିନରେ କଳା, ସଂସ୍କୃତି, କ୍ରୀଡା କ୍ଷେତ୍ରରେ ପ୍ରତିଭାମାନେ ଦେଶରେ ସୁନାମ ଆଣିବେ, ଯୋଡ଼ା ମହୋତ୍ସବ ବିଭିନ୍ନ କାର୍ଯ୍ୟକ୍ରମ କରି ଯୋଡ଼ା ପାଇଁ ଗୌରବ ଆଣି ଥିବା ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଯୋଡ଼ାର ସଫଳ ପରିବା ଚାଷୀ ଦମ୍ପତି ଗଙ୍ଗାଧର ବାନରା ଓ ତାଙ୍କ ପତ୍ନୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବଡି ବିଲ୍ଡିଂ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଦୀପକ ଦାସ, ଚୈତୁ ପେଣ୍ଟେଇ ଓ ଅମନ ରାଉତ ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ମୁମ୍ବାଇରୁ ଆସିଥିବା ଇଣ୍ଡିଆନ ଆଇଡଲର ପ୍ରତିଯୋଗୀ କଣ୍ଠଶିଳ୍ପୀ ଚେତନା ଭରଦ୍ୱାଜଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା।

# ଜଳେଶ୍ୱରରେ ଗଣଦୌଡ଼

ଜଳେଶ୍ୱର,୨୮।୧(ନବୀନ ସାହୁ/ରବିନାରାୟଣ ପାତ୍ର)

ଜଳେଶ୍ୱର ମ୍ୟୁନିସିପାଲଟିର ବଡ଼ବଜାରଠାରେ ରବିବାର ପୂର୍ବାହ୍ନରେ ଆର୍ଟ ଅଫ ଗିଭିଙ୍ଗ ସଙ୍ଗଠନ ପକ୍ଷରୁ ସାଧାରଣ ସଭା ସହ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲାର ସଂଯୋଜକ ତଥା ବରିଷ୍ଠ ଆଇନଜୀବୀ ଅନୀଲ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଜଳେଶ୍ୱର ୟୁନିଟ୍ ତରଫରୁ ଜଳେଶ୍ୱର କାଳୀ ମନ୍ଦିର ନିକଟରୁ ବଡ଼ବଜାର ଛକ ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହି ଗଣଦୌଡ଼କୁ ସିନିଅର ସିଭିଲ ଜଜ୍ ନିଶା ସାମଲ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ମ୍ୟୁନସିପାଲଟି ଚେୟାରମେନ ପ୍ରତୀପ କୁମାର ପ୍ରଧାନ, ଏମ୍‌ପି ପ୍ରତିନିଧି ଫାଲଗୁନୀ ପାଣିଗ୍ରାହୀ, ଆଇଆଇସି ରଞ୍ଜନ କୁମାର ସେଠୀ, ବାର ଆସୋସିଏସନ ସଭାପତି କୁଞ୍ଜବିହାରୀ ଦାସ, ଶିକ୍ଷକ ନେତା ଅଜିତ କୁମାର ମହାନ୍ତି, ସିଦ୍ଧାର୍ଥ ଶଙ୍କର ପାଳ ପ୍ରମୁଖଙ୍କ ସହ ଛାତ୍ରୀଛାତ୍ର, ଯୁବକମାନେ ଏକତ୍ରିତ ହୋଇ ଶିକ୍ଷା ସମସ୍ତଙ୍କର ଆବଶ୍ୟକତା ରହିଛି, ଶିକ୍ଷା ସମସ୍ତଙ୍କର ଦରକାର ବୋଲି ମତ ରଖିଥିଲେ।



ଆର୍ଟ ଅଫ ଗିଭିଙ୍ଗ ସଂଗଠନ ପକ୍ଷରୁ ଆୟୋଜିତ ଗଣଦୌଡ଼ କାର୍ଯ୍ୟକ୍ରମ।

# ‘ଶିକ୍ଷା ଘରୋଇକରଣ ନ ହୋଇ ସାର୍ବଜନୀନ ହେଉ’



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ଭୋଗରାଇ,୨୮।୧(ପ୍ରଦୀପ ଦାସ)

**ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟର ବାର୍ଷିକୋତ୍ସବ**

ବାଲେଶ୍ୱର ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭୋଗରାଇ ବ୍ଲକ ଆର୍‌ଆଇଏଚ୍‌ଏସ୍ (ଗ୍ରାମ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ)ର ୪୪ତମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ କେଦାର ସିଂ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ମଙ୍ଗଳାଚରଣ ପାଠ କରିଥିଲେ ଅଧ୍ୟାପକ ଦେବାଶିଷ ପଣ୍ଡା। ବାର୍ଷିକ ବିବରଣୀ ପାଠ ଓ ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ଅଧ୍ୟାପକ ବ୍ରଜବିହାରୀ ପତି ଓ ଅଧ୍ୟାପକ ଦିଲ୍ଲୀପ କୁମାର ଜେନା। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅନନ୍ତ ଦାସ ଯୋଗଦେଇ ଶିକ୍ଷାକୁ ଘରୋଇ କରଣ ନ କରି ସାର୍ବଜନୀନ କରିବା ସହିତ ଶିକ୍ଷାନୁଷ୍ଠାନ ସାଧନା କେନ୍ଦ୍ର ହେଉ ବୋଲି ପ୍ରକାଶ କରିଥିଲେ।

ମୁଖ୍ୟ ବ୍ୟକ୍ତା ଭାବେ ଶ୍ୟାମ ସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା ଗ୍ରାମ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନେ ଜିଲା ଓ ରାଜ୍ୟରେ ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ଗଢ଼ି ତୋଳି ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଡ. ଗଦାଧର ଦାସ ମହାପାତ୍ର ଯୋଗ ଦେଇଥିଲେ। ଯୁକ୍ତ୨ ବାର୍ଷିକ ପରୀକ୍ଷାରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଷୟରେ ସର୍ବାଧିକ ନମ୍ବର ରଖିଥିବା ସୁପ୍ରଭାତ ବେହେରା, ମାନସ କୁମାର ପାଳ ଓ ପ୍ରଶାନ୍ତ ବେହେରାଙ୍କ ସମେତ ଓଡ଼ିଆ–ଓ କାର୍ଯ୍ୟକ୍ରମରେ ୪୫ଟି ଇଭେଣ୍ଟରେ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଧନ୍ୟବାଦ ଦେଇଥିଲେ ଅଧ୍ୟାପକ ଡ. ଅନୁପ କୁମାର ସାମଲ। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ କଣ୍ଠ ସଙ୍ଗୀତ, ନୃତ୍ୟ ଓ ନାଟକ ପରିବେଷଣ କରାଯାଇଥିଲା। ଅଧ୍ୟାପକ ଡ. ଧୀରେନ୍ଦ୍ର କୁମାର ଜେନା, ଦୀନକୃଷ୍ଣ ଗିରି, ସୁରତ କୁମାର ଚନ୍ଦ, ଅଧ୍ୟାପିକା ତ୍ରିବେଣୀ ଧାରା ଏବଂ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଅଣଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

